ସକାଳ
THE SAKALA



# ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବଲପୁର ଗସ୍ତ

## ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ



**ସମ୍ବଲପୁର, ୨।୨(ସମିସ):** ସମ୍ବଲପୁର ଗସ୍ତରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବଲପୁର ଆଇଆଇଏମ ଲୋକାର୍ପଣ ଓ ରେମେଡ ପଡ଼ିଆରେ ସାଧାରଣ ସଭାରେ ଯୋଗଦାନ କରିବେ। ଏହାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି। ପ୍ରଶାସନ ଅଧିକାରୀ ଓ ବିଜେପି ନେତୃତ୍ୱଙ୍କ ସହିତ ଆଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ୪୦୦କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସର ଲୋକାର୍ପଣ ହେବ। ଗତ ୩ବର୍ଷ ପୂର୍ବରୁ ଶିଳାନ୍ୟାସ କରିଥିଲେ ପ୍ରଧାନମନ୍ତ୍ରୀ। ଏହାସହ ବିଭିନ୍ନ ରେଳ, ଜାତୀୟ ରାଜପଥ, ଶକ୍ତି, ପେଟ୍ରୋଲିୟମ ଓ ଅନେକ ପ୍ରକଳ୍ପ ସହ ଝାରସୁଗୁଡ଼ା ମୁଖ୍ୟ ଡାକଘର ଐତିହ୍ୟ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ ପୂର୍ବୋଦୟର ବଡ଼ ଶକ୍ତିପୁଞ୍ଜ ହୋଇଛି ଓଡ଼ିଶା। ନିର୍ବାଚନ ପୂର୍ବରୁ ଓ ଶେଷ ବଜେଟ୍ ପରେ ମା' ସମଲେଶ୍ୱରୀଙ୍କ ମାଟିରେ ପ୍ରଥମ ଜନସଭାରେ ଯୋଗଦେବେ ପ୍ରଧାନମନ୍ତ୍ରୀ। ଦେଶର ଗରିବ, ମହିଳା, କୃଷକ ଏବଂ ଯୁବକଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ଓଡ଼ିଶାବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଯାଇଛି। ସମ୍ବଲପୁର ରେମେଡ୍ ଛକପଡ଼ିଆରେ ବିଜେପି ପକ୍ଷରୁ ଆୟୋଜିତ 'ବିଶାଳ ଗ୍ୟାରେଣ୍ଟି ସମାବେଶ'ରେ ଯୋଗ ଦେବେ। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୬୮, ୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ ଏବଂ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଗତ ୩ବର୍ଷ ତଳେ କୋଭିଡ୍ ସମୟରେ ପ୍ରଧାନମନ୍ତ୍ରୀ ମୋଦି ନିଜେ ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଏମ୍ ସମ୍ବଲପୁରର ନୂତନ କ୍ୟାମ୍ପସ ଶିଳାନ୍ୟାସ କରିଥିଲେ। ପ୍ରଧାନମନ୍ତ୍ରୀ ସବୁବେଳେ କୁହନ୍ତି, ଯେଉଁ ପ୍ରକଳ୍ପକୁ ଆମ ସରକାର ଆରମ୍ଭ କରେ, ସେହି ପ୍ରକଳ୍ପକୁ ଲୋକାର୍ପଣ ମଧ୍ୟ କରେ। ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟ ୪୦୦ କୋଟି ଟଙ୍କା ବ୍ୟୟରେ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସର ଭବ୍ୟ ଭବନର ଲୋକାର୍ପଣ ହେବ। ବିଗତ ୧୦ ବର୍ଷ ଭିତରେ ଏହି ଅନୁଷ୍ଠାନ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ନିଜର ମାନ୍ୟତାକୁ ଉପଲବ୍ଧି କରିପାରିଛି। ଓଡ଼ିଶା ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ ପୂର୍ବୋଦୟର ବଡ ଶକ୍ତି ପୁଞ୍ଜ ହୋଇଛି। ଆସନ୍ତାକାଲି ସମ୍ବଲପୁର ରେଳ ଷ୍ଟେସନର ନବୀକରଣର ଶୁଭ ଦିଆଯିବା ସହ ଅନେକ ରେଳ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ଦିଆଯିବ। ଏନଟିପିସି ସହ ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାରମ୍ଭ କରାଯିବ। ଜାତୀୟ ରାଜପଥ ପ୍ରକଳ୍ପ ସହ ଗ୍ୟାସ ପାଇପଲାଇନ ପ୍ରକଳ୍ପର ଲୋକାର୍ପଣ ଓ ଶୁଭାରମ୍ଭ ହେବ। ଝାରସୁଗୁଡ଼ା ମୁଖ୍ୟ ଡାକଘର ଐତିହ୍ୟ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ କେନ୍ଦ୍ରର ଅନ୍ତରୀଣ ବଜେଟ୍ ଉପସ୍ଥାପନ ପରେ ପ୍ରଧାନମନ୍ତ୍ରୀ ମା' ସମଲେଶ୍ୱରୀଙ୍କ ମାଟିରେ ପ୍ରଥମ ଜନସଭାକୁ ସମ୍ବୋଧିତ କରିବାକୁ ଯାଉଛନ୍ତି, ଯାହା ଆମ ପାଇଁ ଗୌରବର ବିଷୟ। ଦେଶର ଗରିବ, ମହିଳା, କୃଷକ ଏବଂ ଯୁବକଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇଛନ୍ତି।

**୬୮, ୦୦୦ କୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ**

## ରେଳ ଲାଇନ୍ ସମେତ ୪ ପ୍ରକଳ୍ପ ହେବ ଲୋକାର୍ପଣ

**ସମ୍ବଲପୁର, ୨।୨(ସମିସ):** ମହାନଦୀ କୋଇଲା କମ୍ପାନୀର ରେଳ ଲାଇନ ସମେତ ୪ପ୍ରକଳ୍ପକୁ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦେଶର ଅର୍ଥନୀତି, ନିଯୁକ୍ତି ସୁଯୋଗ, କୋଇଲା ଉତ୍ପାଦନ ଏବଂ ଶକ୍ତି ଚାହିଦାକୁ ପୂରଣ କରିବା ଦିଗରେ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ ବୋଲି ମହାନଦୀ କୋଇଲା କମ୍ପାନୀର ସିଏମ୍ଡି ଉଦୟ ଏ. କାଓଲେ ଆଜି ହୋଟେଲ ଗ୍ରାଣ୍ଡ ଶିବାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲୋକାର୍ପଣ ହେବାକୁ ଥିବା ପ୍ରକଳ୍ପମାନଙ୍କ ମଧ୍ୟରେ ଏମ୍‌ସିଏଲ୍‌ର ଆତ୍ମନିର୍ଭର ଭାରତ ଯୋଜନାରେ ନିର୍ମିତ ଲଜକୁରା ଆର୍‌ଏଲ୍‌ଏସ୍ ରହିଛି। ଏଥିରେ କୋଇଲା ପରିବହନ ଆହୁରି ସୁଗମ ହେବ ବୋଲି ସିଏମ୍ଡି କାଓଲେ କହିଛନ୍ତି। ସମଲେଶ୍ୱରୀ ଓ ଲଜକୁରା କୋଇଲା ଖଣି



ନିକଟରେ ଥିବା ଏହି ଆର୍‌ଏଲ୍‌ଏସ୍‌ରେ ୧୫ମିଲିୟନ୍ ଟନ୍ କୋଇଲା ପରିବହନ କରାଯାଇପାରିବ। ଏଥିରେ କମ୍ପ୍ୟୁଟରୀକୃତ ଓ ଯାନ୍ତ୍ରିକ ପରିଚାଳନା ବ୍ୟବସ୍ଥା ରହିଛି। କମ୍ପାନୀର ଖଣିରୁ ନିରନ୍ତର କୋଇଲା ଯୋଗାଣ ପାଇଁ ଝାରସୁଗୁଡ଼ା-ବରପାଲି -ସରଡେଗା ଦୋହରୀକରଣ ରେଳ ଲାଇନ ଲୋକାର୍ପଣ ହେବ। ଏଥିପାଇଁ ୧୧୨୯.୮୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବସୁନ୍ଧରା, ସିଆର୍‌ମାଲ୍ ପ୍ରଭୃତି ଖଣିରୁ ନୂଆଁ ରେଳଲାଇନ ଯୋଗେ ବର୍ତ୍ତମାନ ଥିବା ଭିଭୂମିରୁ ପ୍ରତ୍ୟହ ୩୦ ରେକ୍ କୋଇଲା ପରିବହନ କରାଯାଇପାରିବ। ଏହା ଆଗକୁ ୭୦ ରେକ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ହେବାକୁଥିବା ପ୍ରକଳ୍ପ ମଧ୍ୟରେ ବାର୍ଷିକ ୧୦ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଭୁବନେଶ୍ୱରୀ ଫେଜ୍-୧ ସିଏଚ୍‌ପି ଏସ୍‌ଆଇଏଲ୍‌ଓ ପ୍ରକଳ୍ପ ରହିଛି। ଆତ୍ମ ନିର୍ଭର ଭାରତ ଲକ୍ଷ୍ୟ ନେଇ ନିର୍ମିତ ଏହି ପ୍ରକଳ୍ପରେ ୩୬୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏମ୍‌ସିଏଲ୍‌ର ଇବ୍ ଉପତ୍ୟକା ୱାସେରୀ ପ୍ରକଳ୍ପ ମଧ୍ୟ ଲୋକାର୍ପଣ ହେବ। ବାର୍ଷିକ ୧୦ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଏହି ୱାସେରୀ ପାଇଁ ୫୫୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପାଇପ୍, ଘୋଡ଼ଣୀ ଥିବା କନ୍‌ଭେୟର ଯୋଗେ ଏଥିରେ ପରିବେଶ ଅନୁକୂଳ କୋଇଲା ଯୋଗାଣ ସୁଗମ ହେବ। ଏହା ଦ୍ୱାରା ବିଦେଶରୁ କୋଇଲା ଆମଦାନୀ ବଦଳରେ ଓଡ଼ିଶାର ତାପଜ ବିଦ୍ୟୁତ୍ କେନ୍ଦ୍ର ଏବଂ କଳକାରଖାନାମାନଙ୍କୁ ସିଧାସଳଖ ଏବଂ ନିରାଦ କୋଇଲା ଯୋଗାଣ ହେଇ ପାରିବ ବୋଲି ସିଏମ୍ଡି ଶ୍ରୀ କାଓଲେ କହିଛନ୍ତି। କମ୍ପାନୀ ବାର୍ଷିକ ୨୦୫ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ, ୨ଶହ ଟନ୍ କୋଇଲା ଯୋଗାଣ ଏବଂ ୨୮୦ ଓଭିଆର୍ ଲକ୍ଷ୍ୟରେ ଚାଲିଛି। ପରିବେଶ ସୁରକ୍ଷା, ସାମାଜିକ ଦାୟିତ୍ୱବୋଧ ଯୋଜନା ସହିତ କମ୍ପାନୀ ରାଜ୍ୟରେ ଅନେକ ପ୍ରକଳ୍ପରେ ସାମିଲ ହୋଇଛି। ଏମ୍‌ସିଏଲ୍ ଦେଶର ସର୍ବବୃହତ୍ କୋଇଲା ଉତ୍ପାଦନକାରୀ ପ୍ରତିଷ୍ଠାନରେ ପରିଣତ ହୋଇଛି ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ଏବଂ ସଂଚାରଣ ନିର୍ଦ୍ଦେଶକ ଜେକେ ବୋହରା, ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ ଏସ୍ ବାପଟ୍, ଜନସମ୍ପର୍କ ଅଧିକାରୀ ନଳିନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏଲ୍‌ସିର ତଳାବିରାରେ ୨୭ ହଜାର କୋଟିର ୨୪୦୦ ମେଗାୱାଟର ପାୱାର ପ୍ଲାଣ୍ଟ




**ସମ୍ବଲପୁର, ୨।୨ (ସମିସ):** କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ ପବ୍ଲିକ ସେକ୍ଟର ଏଣ୍ଟରପ୍ରାଇଜେସ୍ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ୨୭, ୨୧୨ କୋଟି ଟଙ୍କା ବିନିଯୋଗରେ ସମ୍ବଲପୁର ଜିଲ୍ଲାର ତଳାବିରା ଠାରେ ୨୪୦୦ ମେଗାୱାଟ କୋଇଲା ଆଧାରିତ ଅଲଟ୍ରା ସୁପର କ୍ରିଟିକାଲ୍ ପିଟ୍ ହେଡ୍ ଥର୍ମାଲ୍ ପାୱାର୍ ପ୍ରୋଜେକ୍ଟ ସ୍ଥାପନ କରୁଛି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୮୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ ସହିତ ୮୦୦ ମେଗାୱାଟ ମଧ୍ୟ ଯୋଜନା କରାଯାଇଛି। ଆସନ୍ତା କାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ଘ ୮୦୦ ମେଗାୱାଟ ଏନ୍‌ଏଲ୍‌ସି ଇଣ୍ଡିଆ ତଳାବିରା ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଏକ ପିଟ୍ ହେଡ୍ ପ୍ରକଳ୍ପର ମୂଲ୍ୟ ଲାଭ ଉପରେ ଲାଭ ଉଠାଇ, ଏନ୍ ଏଲ୍ ସି ଇଣ୍ଡିଆ ଲିମିଟେଡର ନିକଟବର୍ତ୍ତୀ ତଳାବିରା-୨ ଏବଂ- ୩ ଖଣିରୁ ଏହି ୟୁନିଟ ପାଇଁ କୋଇଲା ଯୋଗାଣ କରାଯିବ। ଇକୋ-ଫ୍ରେଣ୍ଡଲି କନଭେୟର ସିଷ୍ଟମ ମାଧ୍ୟମରେ, ସଡ଼କ ଏବଂ ରେଳ ପରିବହନ ପାଇଁ କୌଣସି ଖର୍ଚ୍ଚକୁ ସାମିଲ ନକରି ଏହି ପ୍ରକଳ୍ପ ଦ୍ୱାରା ଦେଶର ସମସ୍ତ ତାପଜ ବିଦ୍ୟୁତ କେନ୍ଦ୍ର ମଧ୍ୟରେ ସବୁଠାରୁ ଶସ୍ତା ଦରରେ ବିଦ୍ୟୁତ ଯୋଗାଣ ହୋଇପାରିବ। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଏବଂ ଅନ୍ୟ ଦକ୍ଷିଣ ହିତାଧିକାରୀ ରାଜ୍ୟଗୁଡ଼ିକୁ ୧୭୮୭ କୋଟି ୟୁନିଟ୍ ବିଜୁଳି ଯୋଗାଇ ଦେବ।ଏହି ପ୍ରକଳ୍ପ ଉଭୟ ଷ୍ଟେସନର ନିର୍ମାଣ ଏବଂ ପରିଚାଳନା ପର୍ଯ୍ୟାୟରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ପ୍ରତ୍ୟକ୍ଷ ନିଯୁକ୍ତି ବ୍ୟତିତ ଅନେକ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପ ଏହି ଅଞ୍ଚଳର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ଯଥେଷ୍ଟ ପ୍ରୋତ୍ସାହନ ଦେବ। ଏହି ପ୍ରକଳ୍ପ ସ୍ୱଦେଶୀ ଉପକରଣ ସହିତ ଆତ୍ମନିର୍ଭର ଭାରତର ଏକ ସ୍ଥାୟୀ ଉଦାହରଣ ସାଜିବ। ଏହି ତାପଜ ବିଦ୍ୟୁତ୍ ପ୍ରକଳ୍ପର ମୂଳଦୁଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପକାଇବେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ରେଙ୍ଗାଲି, ୨।୨(ସମିସ):** ରେଙ୍ଗାଲି ବ୍ଲକରମ୍ଭେଲା ସ୍ଥିତ ସୂରଜମଲ କଲେଜ ପରିସରରେ ଯୁକ୍ତ ଦୁଇ ଛାତ୍ରୀମାନଙ୍କୁ ଦିଆଯାଉଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡ.ମନୋଜ କୁମାର ପଣ୍ଡା ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ଶୃଙ୍ଖଳା, ବ୍ୟକ୍ତିତ୍ୱର ବିକାଶ ଓ କର୍ତ୍ତବ୍ୟପରାୟଣ ହେବାକୁ ଶିକ୍ଷାଦେଇ ଥିଲେ। ମହାବିଦ୍ୟାଳୟର ୧୭୪ଜଣ ଛାତ୍ରୀ ଏହି ଶିବିରରେ ତାଲିମ ପାଇ ଅଧକ୍ଷଙ୍କ ହାତରୁ ମାନପତ୍ର ଗ୍ରହଣ କରିଥିଲେ। ଛାତ୍ରୀ ନିକିତା ସାହୁଙ୍କ ନେତୃତ୍ୱରେ ପରିଚାଳିତ ଏହି ତାଲିମ କାର୍ଯ୍ୟକ୍ରମ ଯୁକ୍ତଦୁଇ ଛାତ୍ରୀ ବିଭାଗର ସଂଯୋଜିକା ଅଧାପିକା ଲୋପାମୁଦ୍ରା ପଟେଲ ଓ କଲେଜର କ୍ରୀଡ଼ା ପ୍ରଶିକ୍ଷକ ପ୍ରଶାନ୍ତ କୁମାର ମହାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଦିଆଯାଇଥିଲା।

## ୨୧୪୬ କୋଟି ଟଙ୍କା ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ସମ୍ବଲପୁର, ୨।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସମ୍ବଲପୁର ଗସ୍ତ କରି ରେଳ ବିଭାଗର ୨୧୪୬ କୋଟି ଟଙ୍କାର ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସମ୍ବଲପୁର ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ ଯାହାର ସ୍ଥାପତ୍ୟ ଶୈଳଶ୍ରୀ ରାଜବାଟୀରୁ ଅନୁପ୍ରାଣିତ ହୋଇଛି। ସେ ଏହି ଅଞ୍ଚଳରେ ରେଳ ନେଟୱାର୍କର କ୍ଷମତା ବୃଦ୍ଧି କରି ସମ୍ବଲପୁର-ତାଳଚେର ଦୋହରୀକରଣ ରେଳ ଲାଇନ (୧୬୮ କିମି) ଏବଂ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳପଥର ଝାରତରଭା-ସୋନପୁର ନୂତନ ରେଳ ଲାଇନ (୨୧.୭ କିମି)କୁ ଦେଶକୁ ସମର୍ପିତ କରିବେ। ପ୍ରଧାନମନ୍ତ୍ରୀ ମଧ୍ୟ ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ମଧ୍ୟ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରାଇବେ ଯାହା ଏହି ଅଞ୍ଚଳର ରେଳ ଯାତ୍ରୀମାନଙ୍କ ପାଇଁ ସଂଯୋଗକୁ ସୁଦୃଢ କରିବ।ପ୍ରାୟ ୨୧୧୦ କୋଟି ଟଙ୍କା ବ୍ୟୟରେ ବିକଶିତ ଜାତୀୟ ରାଜପଥର ତିନୋଟି ସଡକ କ୍ଷେତ୍ର ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ମଧ୍ୟ ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପଗୁଡ଼ିକରେ ଏନଏଚ ୨୧୫ର ରିମୁଲି-କୋଇଡା ସେକ୍ସନର ଚାରୋଟି ଲେନ୍ (ନୂତନ ଏନଏଚ ନମ୍ବର ୫୨୦), ବିରମିତ୍ରପୁର-ବ୍ରାହ୍ମଣୀ ବାଇପାସ୍ ପାର୍ଶ୍ୱ ସେକ୍ସନ (ଏନଏଚ ୨୩) (ନୂତନ ଏନଏଚ ନମ୍ବର ୧୪୩) ଏବଂ ବ୍ରାହ୍ମଣୀ ବାଇପାସ୍ ପାର୍ଶ୍ୱ -ରାଜାମୁଣ୍ଡା ସେକ୍ସନର ଚାରି ଲେନ୍ ଅନ୍ତର୍ଭୁକ୍ତ। ଏନଏଚ ୨୩ର ଏହି ପ୍ରକଳ୍ପଗୁଡ଼ିକ ସଂଯୋଗୀକରଣକୁ ବୃଦ୍ଧି କରାଇବ ଏବଂ ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହେବ।

**ଦୁର୍ଘଟଣା ରୋକିବାକୁ ରାଜ୍ୟ ସରକାରଙ୍କ ପ୍ରୟାସ**

## ଜିଲ୍ଲାରେ ନିର୍ମାଣ ହେଉଛି ୩ ଟ୍ରକ୍ ଟର୍ମିନାଲ

**ସମ୍ବଲପୁର, ୨।୨(ସମିସ):** ସମ୍ବଲପୁର ଜିଲ୍ଲାରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୩ଗୋଟି ସ୍ଥାନରେ ଟ୍ରକ୍ ଟର୍ମିନାଲ କରିବାକୁ ଜମି ଚିହ୍ନଟ କରାଯାଇ ଡିପିଆର ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦୁର୍ଘଟଣା ରୋକିବା, ଟ୍ରାଫିକ ସମସ୍ୟା ଦୂର କରିବା ସହିତ ଗାଡ଼ି ଚାଳକ ହେଲପର, ଗାଡ଼ି ମାଲିକଙ୍କ ସୁବିଧା ପାଇଁ ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ଯାଉଛନ୍ତି। ଶୀଘ୍ର ଟେଣ୍ଡର ପ୍ରକ୍ରିୟା ହେବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରକ୍ ଟର୍ମିନାଲ ନିର୍ମାଣ ହୋଇଗଲେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ହେଉଥିବା ଟ୍ରାଫିକ୍ ସମସ୍ୟା ହଟିଯିବ। ଏହାସହ ଦୁର୍ଘଟଣା ମଧ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଇଛି। ସମ୍ବଲପୁର- ରାଉରକେଲା ବିଜୁ ଏକ୍ସପ୍ରେସ-ୱେ ପଣ୍ଡଲୋଇ, ଜାତୀୟ ରାଜପଥ ୫୫ ଜମନିକରା ବ୍ଲକ ରାଶିବେଡା ଓ ଅତାବିରା ନିକଟସ୍ଥ ପତ୍ରାପାଲି ନିକଟରେ ଏହି ଟ୍ରକ ଟର୍ମିନାଲ ନିର୍ମାଣ କରାଯିବ। ପ୍ରତି ଟ୍ରକ୍ ଟର୍ମିନାଲ ପାଇଁ ରାଜ୍ୟ ସରକାର ୧୦ ଏକର ଜମି ଯୋଗାଇ ଦେଇଛନ୍ତି। ଏହାର ସହ ଗୋଟିଏ ଟର୍ମିନାଲ ପାଇଁ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟଅଟକଳ ରହିଛି। ଉକ୍ତ ଟର୍ମିନାଲରେ ପରିସରରେ ପାର୍କିଂ, ଶୌଚାଳୟ, ଡ୍ରାଇଭର ଓ ହେଲପରମାନଙ୍କ ପାଇଁ ବିଶ୍ରାମଗାର, ଗ୍ୟାରେଜ, ଗାଡି ସାମଗ୍ରୀ



ଯନ୍ତ୍ରାଂଶ ସବୁ ଏକାଠି ମିଳିପାରିବ। ସୁରକ୍ଷା ଦୃଷ୍ଟିରୁ ବାଉଣ୍ଡ୍ରି କାନ୍ଥ ଦିଆଯିବା ସହ ସୁରକ୍ଷାକର୍ମୀ ନିୟୋଜିତ ରହିବେ। ଗାଡ଼ି ଚାଳକ ଓ ହେଲପରମାନେ ଭୟ ବିନା ଗାଡି ରଖି ବିଶ୍ରାମ ନେଇ ପାରିବେ। ଟ୍ରକ ଚାଳକମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କଡରେ ଗାଡ଼ି ଛିଡ଼ା କରିପାରୁନାହାନ୍ତି ଓ ପୁଲିସ ଫାଇନ କାଟୁଛି, କେତେବେଳେ ଟ୍ରକ୍ ଭିତରୁ ସମାଗ୍ରୀ ଚୋରି ହୋଇଯାଉଛି। ରାସ୍ତା କଡ଼ରେ ଭାରୀଯାନ ଗୁଡିକ ଛିଡା ହେଲେ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ହେବା ପରେ ଟ୍ରକ ଓ ଅନ୍ୟଗାଡିର ଚାଳକ ଜୀବନହାନି ହେଉଛି। ଏବେ ସବୁଆଡେ ସଡ଼କ ଦୁର୍ଘଟଣା ଏକ ଚିନ୍ତାର ବିଷୟ ହୋଇପଡ଼ିଛି। ସଚେତନ ଓ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ ସେଭଳି ଭାବେ ଦୁର୍ଘଟଣା ରୋକାଯାଇ ପାରୁନାହିଁ। ତେଣୁ କରି ରାଜ୍ୟ ସରକାର ସ୍ଥାୟୀ ପ୍ରତିକାର କରିବାକୁ ଯୋଜନା କରିଛନ୍ତି। ପ୍ରତିଦିନ ହଜାର ସଂଖ୍ୟାରେ ଜାତୀୟ ରା।ଜପଥ ଓ ରାଜ୍ୟ ରାଜପଥ ଗୁଡିକରେ ବାହାର ରାଜ୍ୟରୁ ଭାରୀଯାନ ଗୁଡିକ ଚଳାଚଳ କରୁଛି। କେବଳ ବିଜୁ ଏକ୍ସପ୍ରେସ-ୱେରେ ପ୍ରତିଦିନ ୪ହଜାରରୁ ଅଧିକ ଟ୍ରକ୍ ଯିବା ଆସିବା କରୁଥିବା ରେକର୍ଡ ରହିଛି। ହେଲେ ଟ୍ରକ ଗୁଡିକ ରହିବା ପାଇଁ କୌଣସି ସୁବିଧା ନାହିଁ। ରାସ୍ତା କଡ଼ରେ ଟ୍ରକ ଛିଡ଼ା କରି ରଖୁଛନ୍ତି। ଟ୍ରକ୍ ଟର୍ମିନାଲ ହୋଇଗଲେ ସମସ୍ୟା ଦୂର ହୋଇଯିବ ବୋଲି ଟ୍ରକ୍ ମାଲିକମାନେ ଆଶା କରୁଛନ୍ତି।

**ପ୍ରଧାନମନ୍ତ୍ରୀ ଗସ୍ତକୁ ନେଇ କଡା ସୁରକ୍ଷା**

## ପାଣି ବୋତଲ ମନା, ପରିଚୟ ପତ୍ର ବାଧ୍ୟତାମୂଳକ

**ସମ୍ବଲପୁର,୨।୨ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଏନେଇ ଜିଲ୍ଲାରେ ହାଇ ଆଲର୍ଟ କରାଯାଇଛି। କଡା ସୁରକ୍ଷା ବଳୟରେ ସମ୍ବଲପୁର ସହର ରହିଛି। ଏସପିଜି ସଭାସ୍ଥଳ ଓ ଆଇଆଇଏମକୁ ନିଜ ସୁରକ୍ଷା ପରିଧିରେ ରଖିଛି। ଜିଲ୍ଲା ପୋଲିସ ମଧ୍ୟ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ନେଇ ବ୍ୟବସ୍ଥା କରିଛି। ଆଜି ଏସପି ମୁକେଶ କୁମାର ଭାମୁ ସୁରକ୍ଷା ବ୍ୟବସ୍ଥା ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତିଯ, ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ନେଇ ପୁଲିସ ଓ ଜିଲ୍ଲା ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି। ଦୁଇଟି କାର୍ଯ୍ୟକ୍ରମରେ ଯୋଗ ଦେବେ। ରେମେଡ ସାଧାରଣ ସଭା ରହିଛି। ପ୍ରାୟ ୧ ଲକ୍ଷ ଲୋକଙ୍କ ସମାଗମ ହେବ। ତେଣୁ ଟ୍ରାଫିକ ସମସ୍ୟା ସହିତ ଶୃଙ୍ଖଳିତ କାର୍ଯ୍ୟକ୍ରମ ହେବ ସେନେଇ ବ୍ୟବସ୍ଥା କରାଯାଇଛି। ଯାତାୟକ କିମ୍ବା ସାଧାରଣ ଲୋକଙ୍କୁ ଯେମିତି ଅଧିକ ଲୋକଙ୍କୁ ବ୍ୟାହତ ନ କରେ ସେଥିପ୍ରତି ଦୃଷ୍ଟି ଦେଇଛି। ପୁଲିସ ଡ଼ିଜିଙ୍କ ସହ, ୨ଜଣ ଆଇଜି, ୪ ଜଣ ଏସପି ସୁରକ୍ଷା ଦାୟିତ୍ୱରେ ରହିବେ। ଏହାସହ ଟ୍ରାଫିକ ସୁପରିଚାଳନା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀଙ୍କ କାଯ୍ୟକ୍ରମ ସ୍ଥଳକୁ ନୋ ଫ୍ଲାଇଙ୍ଗ ଯୋନ ଭାବରେ ଘୋଷଣା କରାଯାଇଛି। ଏହାସହ ଲୋକେ ସାଥିରେ ପାଣି ବୋତଲ ନେବା ଉପରେ କଟକଣା ଲାଗୁ କରାଯାଇଛି। ପାଣି ପାଇଁ ସଭା ସ୍ଥଳରେ ବ୍ୟବସ୍ଥା କରାଯାଇଛି। କଡା ଯାଞ୍ଚ କରାଯିବ। ଅତିଥି, ଗଣମାଧ୍ୟମ ଓ ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ସ୍ଥାନରେ ପାର୍କି ବ୍ୟବସ୍ଥା କରାଯାଇଛି। ଲୋକମାନେ ସହଯୋଗ କରନ୍ତୁ ବୋଲି କହିଥିଲେ। ଅନ୍ୟପଟେ ଏକ ପୁଲିସ ଅଧିକାରି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧିକାରି ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି।






**ନିର୍ଦ୍ଦିଷ୍ଟ ସ୍ଥାନକୁ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା**



## ରାଜ୍ୟ ଉଠାଜଳସେଚନ ନିଗମ ଅଧକ୍ଷଙ୍କ ସମୀକ୍ଷା



**ସମ୍ବଲପୁର, ୨।୨(ସମିସ):** ରାଜ୍ୟ ଉଠାଜଳସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ ସମ୍ବଲପୁର ଜିଲ୍ଲା ଗସ୍ତ କରି ସହରର ବିନାଖଣ୍ଡି ଠାରେ ଥିବା ଉଠାଜଳସେଚନ ନିଗମ କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଜି ସ୍ୱତନ୍ତ୍ର ସମୀକ୍ଷା ବୈଠକ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ଠାରେ ସ୍ୱତନ୍ତ୍ର ଭାବରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ରାଜ୍ୟ ଉଠାଜଳସେଚନ ନିଗମ କାର୍ଯ୍ୟାଳୟ ସମ୍ବଲପୁରର ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି
ବଡରଘୁନାଥପୁର, ଖୋର୍ଦ୍ଧା
ଆବିର୍ଭାବ: ୧୦.୧୨.୧୯୪୨
ତିରୋଧାନ: ୨୩.୦୧.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଟୁଲା, ବୁଲୁ, ଟାଇନ, ଟୁନା, ରାଜା, ଟିକନ, ପୁତ୍ରବଧୂ- ଲିପି, ଚିନୁ, ମିନା, ବବି, ଇନା ଓ ପରିବାରବର୍ଗ



# ଭେଡେନ ରାମଲୀଳା ମହୋତ୍ସବ ଉଦ୍‌ଘାଟିତ





**ଭେଡେନ, ୨।୨(ସମିସ)**

ଭେଡେନରେ ବିଶ୍ୱ ଶାନ୍ତି ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ୨୧ତମ ବିରାଟ ରାମଲୀଳା ମହୋତ୍ସବ ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ବରଗଡ ଜିରାନଦୀ କୂଳ ଆଶ୍ରମ ମଠର

## ରାବଣର ରାଜ୍ୟାଭିଷେକ

ମହନ୍ତ ଭଗବାନ ଦାଶଙ୍କ ଦ୍ୱାରା ହେବା ସହ ବହୁ ସାଧୁସନ୍ଥଙ୍କ ସମାଗମ ହୋଇଥିଲା । ଭେଡେନସ୍ଥିତ ପୁରୁଣା ହାଟପଦା ଅଞ୍ଚଳ ପାଲଟିଛି ଅଯୋଧ୍ୟା ନଗରୀ । ଉଦଘାଟନ ସମରୋହରେ ମୁଖ୍ୟଅତିଥି ଭାବରେ ଅତାବିରା ନିର୍ବାଚନମଣ୍ଡଳୀର ବିଧାୟିକା ତଥା ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ ଆଯୋଧ୍ୟା ମଣ୍ଡପ ଓ ରାବଣ ରାଜଦରବାର ମହୋତ୍ସବକୁ ଉଦଘାଟନ କରିଥିଲେ । ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଜଗତ ଭୂଷଣ ଶତପଥୀ, ଭରତ ବରେଇ, ଦିଲୀପ ରଥ, ସୌମ୍ୟା ରଞ୍ଜନ ବେହେରା, ପ୍ରଦୀପ ସୁନା, ଗଜରାଜ ମେହେର, ଆନନ୍ଦ ଦାଶ, କୃଷ୍ଣଚନ୍ଦ୍ର ବେହେରା, ଲକ୍ଷ୍ମଣ ସଥୁଆ, ରାଜେଶ ଅଗ୍ରୱାଲ, ରାଧାକାନ୍ତ ମହାରଣା, ସନନ୍ଦ ବେହେରା, ମାନ ମଡ଼ପାଚି, ମହେନ୍ଦ୍ର ମେହେରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଏକାଦିକ୍ରମେ ରାବଣ ଦରବାର ଓ ପୁରୁଣା ହାଟପଦାସ୍ଥିତ ଅଯୋଧ୍ୟା ମଣ୍ଡପରେ ନାଟ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା । ରାବଣ ଦରବାରରେ ଆଜି ସନ୍ଧ୍ୟାରେ ବିଶ୍ରାବାନନ୍ଦନ ଦଶାନନ ରାବଣ ଘୋର ତପସ୍ୟା ଦ୍ୱାରା ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇଛି । ମନ୍ଦିରକୁ ଯାଇ ଇଷ୍ଟଦେବ ଶିବଙ୍କ ଦର୍ଶନ କରିଛନ୍ତି ରାବଣ ଓ ବାହାରିଛନ୍ତି ଦିଗବିଜୟରେ । ପରେ ଲଙ୍କାଧିପତି ରାବଣଙ୍କ ରାଜ୍ୟାଭିଷେକ ହୋଇଛି । ଦଶାନନ ରାବଣ ଶୁକ ସାରଣ ଆଦି ମନ୍ତ୍ରୀଙ୍କ ସହ ଭୋଗବିଲାସରେ ବ୍ୟସ୍ତ ଆଦି ମଞ୍ଚସ୍ତ ହୋଇଥିଲା । ଲୋକମାନଙ୍କ ମନରେ ପୁରାଣ ପ୍ରତି ଆସ୍ଥା ପ୍ରକଟ ହେବା ସଙ୍ଗେ କଳାକାରମାନଙ୍କୁ ପ୍ରଶଂସା କରିଥିଲେ ଉପସ୍ଥିତ ଜନସାଧାରଣ । ଏଥିପାଇଁ ରାଜଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା । ଅଁଏଳାପାଲି ଶୁଭମ ସଂସ୍କୃତିକ ଦଳ ତାଙ୍କ ନୃତ୍ୟ ପରିବେଷଣ କରିଥିଲେ । ରାବଣ ଦରବାରର ମଞ୍ଚ ପରିଚାଳନା ଚିତ୍ତରଞ୍ଜନ ମେହେର,କ୍ଷୀତେଶ୍ୱର ବେହେରା,ଘନ ଖେତି,ସରୋଜ ରଥ,ମୁନା ମିଶ୍ର,ଆନନ୍ଦ ଦାଶ, ଦୀପକ ମେହେର, ଦାଇତ୍ୱ ନିର୍ବାହ କରିଥିଲେ ।ସେହିପରି ଅଯୋଧ୍ୟା ରାଜଦରବାର ମହାରାଜ ଦଶରଥ ଋଷିଶୃଙ୍ଗମୁନିଙ୍କ ତତ୍ୱବଧାନରେ ପୁତ୍ରେଷ୍ଟି ଯଜ୍ଞ କରିଛନ୍ତି । ଯଜ୍ଞ କୃପାରୁ ମହାରାଜା ଦଶରଥଙ୍କ ଚାରୋଟି ସନ୍ତାନ ରାମ,ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଙ୍କ ଜନକ ହୋଇଛନ୍ତି ।ଅଯୋଧ୍ୟା ର ପ୍ରଜାମାନେ ଚାରି ଭାଇଙ୍କୁ ଧରି ଅଯୋଧ୍ୟା ନଗର ପରିକ୍ରମା କରିବା ଦୃଶ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ଆଯୋଧ୍ୟା ମଞ୍ଚ ପରିଚାଳନା ସୁକଦେବ ମେହେର, ସରୋଜ ମିଶ୍ର,ଚିନ୍ମୟ ନାଏକ, କଏଲାସ ମେହେର, ଶତ୍ରୁଘ୍ନ ମେହେର, ଦାୟିତ୍ୱ ନିର୍ବାହ କରିଥିଲେ । ମହୋତ୍ସବ ୧୦ ପର୍ଯ୍ୟନ୍ତ ଚାଲିବ । ରାବଣ ଭୂମିକାରେ ଓଡିଶାର ବିଶିଷ୍ଟ ମଞ୍ଚ କଳାକାର ଦେଓଗାଁ ନିବାସୀ ଜଗଦାନନ୍ଦ ମିଶ୍ର ଅଭିନୟ କରୁଥିବା ବେଳେ ଦଶରଥ ସେବାନନ୍ଦ ନାଏକ, ଋଷିଶୃଙ୍ଗ ସୁଶୀଲ ଅଦାବର, କୁବେର ଶିବ ସୁନା, ବଶିଷ୍ଟ ସୁକଦେବ ମେହେର ଅଭିନୟ କରିଛନ୍ତି ।। ଭେଡେନ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଅନ୍ନପ୍ରସାଦର ବ୍ୟବସ୍ଥା ସୋମ୍ୟରଞ୍ଜନ ବେହେରା ଓ ସିଂଧାରାଣୀ ବେହେରା ସପତ୍ନୀକ ପ୍ରଦାନ କରିଥିଲେ ।

# ରାଜବୋଡାସମ୍ବର ଧନୁଯାତ୍ରା ଉଦ୍‌ଘାଟିତ

**ପଦ୍ମପୁର/ପାଇକମାଳ ୨।୨ (ସମିସ):** ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଗୋଇବାହଲିରେ ଷଷ୍ଠ ରାଜବୋଡାସମ୍ବର ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଯାଇଛି । ପଲସଦା, କେର୍ମେଲାବାହଲ, ଭେଙ୍ଗରାଜପୁର ଗ୍ରାମପଞ୍ଚାୟତର ମିଳିତ ସହଯୋଗରେ ଅନୁଷ୍ଠିତ ଧନୁଯାତ୍ରାରେ ଡୁଙ୍ଗୁରିପାଲିଠାରୁ ଗୋପପୁର କେର୍ମେଲାବାହାଲ ପର୍ଯ୍ୟନ୍ତ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସନ୍ଧ୍ୟାରେ ମହାରାଜ ଉଗ୍ରସେନ ଦିଗବିଜୟ ସାରିବା ପରେ ସାତ ଦିନ ଧରି ହେବାକୁ ଥିବା ଧନୁଯାତ୍ରା ରାଜ ଦରବାର ଉଦଘାଟନ ହୋଇଥିଲା । ମୁଖ୍ୟଅତିଥି ବିଧାୟିକା ବର୍ଷା ସିଂ ବରିହା, ଭୋଜରାଜ ସିଂ ବରିହା ସମେତ ଅନ୍ୟ ଅତିଥିମାନେ ରାଜଅତିଥି ଭାବରେ ଯୋଗ ଦେଇଥିଲେ । ଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଥମ ଦିନରେ ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ମୀନାବଜାର, ଦୋକାନ ବଜାର ବହୁତ ମାତ୍ରାରେ ଆସି ତାଙ୍କର ବ୍ୟବସାୟ ଆରମ୍ଭ କରିଛନ୍ତି ।





ପଦ୍ମପୁରରୁ ଛତିଶଗଡ଼ ଯାଇଥିବା ଏମଡିଆର ୩୬ ଏ ରାସ୍ତାର ପ୍ରଶସ୍ତୀକରଣ କାମର ପରିଦର୍ଶନ କରୁଛନ୍ତି ପଦ୍ମପୁର ଏଡିଏମ କୁନାଲ ଚୌହାନ ।

# ବରଗଡ଼ ବ୍ଲକ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ

**ବରଗଡ଼, ୨।୨(ସମିସ):** ବରଗଡ଼ ସଦର ବ୍ଲକ ସମ୍ମିଳନୀ କକ୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଉପସ୍ଥିତିରେ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ପାର୍ବତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ଏବିଡିଓ ପୁଷ୍ପାଞ୍ଜଳି ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଶର୍ମିଷ୍ଠା ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଓଏଲଏମ ପ୍ରଣତି ବାଗ, ଶିକ୍ଷାବିତ୍ ଗୋପବନ୍ଧୁ ପୁରୋହିତ, ବ୍ଲକସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଝରଣା ଦାସ ପ୍ରମୁଖ ସମ୍ମାନିତ ଅତିଥି କବିତାଗୁଡ଼ିକର ମୂଲ୍ୟାଙ୍କନ କରି ସମୀକ୍ଷା କରିଥିଲେ । ଏହି ଅବସରରେ ବରଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାବୃନ୍ଦ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । ଏହି କବି ସମ୍ମିଳନୀରେ ଗାଇସୀମାର ମାଁ ଇଷ୍ଟ ଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ବୃନ୍ଦାବତୀ ତାଣ୍ଡି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ଅଡଗାଁ ମାଁ ସିଦ୍ଧିଦାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ଅହଲ୍ୟା ସାହୁ ଦ୍ୱିତୀୟ ଓ ଡୁମ୍ବେରପାଲି ଶ୍ରୀମା ଶ୍ରୀ ଅରବିନ୍ଦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଗାୟତ୍ରୀ ସାହୁ ତଥା ଅଡଗାଁ ସଂଘମିତ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଧରିତ୍ରୀ ପ୍ରଧାନ ପ୍ରମୁଖ ଯୁଗ୍ମ ବିଜେତା ଭାବେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । କବି ସମ୍ମିଳନୀରେ ଅଂଶ ଗ୍ରହଣ କରିଥିବା ସମସ୍ତ ସଦସ୍ୟାଙ୍କୁ ମିଶନ ଶକ୍ତି ଆନୁକୂଲ୍ୟରେ ଉପଢ଼ୌକନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



# ବାସ୍ତବିକ ବିଶ୍ୱସ୍ତରକୁ ଛୁଇଁବ ବରଗଡ଼ ଧନୁଯାତ୍ରା

**ବରଗଡ଼, ୨।୨(ସମିସ) :** ଆଗାମୀ ବରଗଡ଼ ଧନୁଯାତ୍ରାକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବା ପାଇଁ ବରଗଡ଼ ସାମ୍ବାଦିକ ସଂଘ ଆହ୍ୱାନ ଦେଇଛି । ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଧନୁଯାତ୍ରାରେ ଦେଖାଯାଇଥିବା ଅସଙ୍ଗତିରୁ ଶିକ୍ଷାଲାଭ କରି ଆଗାମୀ ଦିନରେ ବରଗଡ଼ ଧନୁଯାତ୍ରାର ଗୁଣାତ୍ମକମାନ ବୃଦ୍ଧି ନେଇ ଆଲୋଚନା କରାଯିବା ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ବରଗଡ଼ ଜିଲ୍ଲା ଓକିଲ ସଂଘ, ମାର୍ଚ୍ଚେଣ୍ଟଏସୋସିଏସନ, ଚେମ୍ବର ଅଫ କମର୍ସ ସମେତ ବିଭିନ୍ନ ସାମାଜିକ ସଂଗଠନ, ସାଂସ୍କୃତିକ ସଂଘ ଏବଂ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ସାମିଲ କରାଯାଇ ଆଗାମୀ ବରଗଡ଼ ଧନୁଯାତ୍ରାର ରୂପରେଖ ନିର୍ଣ୍ଣୟ କରାଯିବାର ନିଷ୍ପତ୍ତି ନିଆଯାଇଛି । ବରଗଡ଼ ଧନୁଯାତ୍ରାର ସମ୍ଭାବ୍ୟ ସଂସ୍କାର ସମ୍ପର୍କରେ ସ୍ଥାନୀୟ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କଠାରୁ ଲିଖିତ ମତାମତ ଆହ୍ୱାନ କରାଯାଇଛି । ଆଗ୍ରହୀ ବ୍ୟକ୍ତିମାନେ ଏ ସମ୍ପର୍କରେ ବରଗଡ଼ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ଯୋଗାଯୋଗ କରିବାକୁ ଆହ୍ୱାନ ଦିଆଯାଇଛି । ଜନସାଧାରଣଙ୍କ ଏହି ପରାମର୍ଶକୁ ଭିତ୍ତିକରି ଖୁବ ଶୀଘ୍ର 'ବରଗଡ଼ ଧନୁଯାତ୍ରାର ଗୁଣାତ୍ମକ ଉନ୍ନତି ଓ ସଂସ୍କାର' ସମ୍ପର୍କରେ ଏକ ବୃହତ ବୈଠକ ଡ଼କାଯିବା ପାଇଁ ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଏହି ବୈଠକରେ ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରେମାନନ୍ଦ ଖମାରୀ, ସହ ସମ୍ପାଦକ ପ୍ରବୀଣ ସାହୁ, କୋଷାଧ୍ୟକ୍ଷ ବ୍ୟୋମକେଶ କରଙ୍କ ସମେତ, ରବିନାରାୟଣ ପଣ୍ଡା, ଲଲାଟେନ୍ଦୁ ଦାଶ, ମହେନ୍ଦ୍ର ସାହୁ, ରାଜେଶ ସରାଫ, ବଦ୍ରିପ୍ରସାଦ ସାହୁ ରମଣୀ ରଞ୍ଜନ ବେହେରା, ଅନନ୍ତ ମଟାରୀ, ଉମେଶ ବିଶ୍ୱାଲ, ଦୀପକ ଶର୍ମା, ପ୍ରଦୀପ ପାଢ଼ୀ, ସୁଦାମ ଭୋଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବରଗଡ଼ରେ ସାମ୍ବାଦିକତାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଯୋଜନା ପ୍ରଣୟନ କରିବା ସାଙ୍ଗକୁ ସାମ୍ବାଦିକମାନେ ସାମ୍ବାଦିକତା ସହ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ସର୍ବସାଧାରଣ ସ୍ଥାନ ଓ ସାମାଜିକ ଗଣମାଧ୍ୟମରେ କୌଣସି ପ୍ରକାର କୁତ୍ସାରଟନା କରିବାରୁ ନିବୃତ୍ତ ରହିବାକୁ ସଂଘର ସଭାପତି ତଥା ସାମ୍ବାଦିକ ସୁରେନ୍ଦ୍ର ହୋତା ପରାମର୍ଶ ଦେଇଥିଲେ । ଗୁଣାତ୍ମକ ସାମ୍ବାଦିକତା ଓ ସଂଗଠନର ନୀତି ଓ ଆଦର୍ଶ ଉପରେ ବିଶ୍ୱାସ ରଖୁଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ସଂଘର ନୂତନ ସଦସ୍ୟ ରୂପେ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସଂଘର ନୂତନ ସଦସ୍ୟତା ପାଇଁ ମେନଷ୍ଟ୍ରିମ ମିଡିଆର ଆଗ୍ରହୀ ଜିଲ୍ଲା ପ୍ରତିନିଧିମାନେ ଏ ସମ୍ପର୍କରେ ସଂଘର ସଭାପତି ଓ ସମ୍ପାଦକଙ୍କ ସହ ଯୋଗାଯୋଗ କରିବାକୁ ଆହ୍ୱାନ ଦିଆଯାଇଛି । ସଂଘର ବାର୍ଷିକ ଉତ୍ସବ ପାଳନ ପାଇଁ ମଧ୍ୟ ଯୋଜନା କରାଯାଇଥିଲା । ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



## ସାମ୍ବାଦିକ ସଂଘର ଉଦ୍ୟମ

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବରଗଡ଼, ୨।୨(ସମିସ):** ବରଗଡ଼ ସଦର ବ୍ଲକ ସରସରା ସ୍ଥିତ ମିଳିତ ଗ୍ରାମପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଶିବିରକୁ ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଶିବିରରେ ପ୍ରଶିକ୍ଷିକା ସୁନେନା ଭେସ୍ରା ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ପ୍ରଥମ ବର୍ଷର ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ମିଶ୍ର ଛାତ୍ରୀମାନେ କିପରି ନିଜକୁ ସୁରକ୍ଷିତ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ ।

# ବାଲି ବୋଝେଇ ହାଇୱାକୁ ଜରିମାନା

**ପଦ୍ମପୁର, ୨।୨ (ସମିସ):** ପଦ୍ମପୁର ଅଞ୍ଚଳରେ ବ୍ୟାପକ ମାତ୍ରାରେ ବାଲି ଚୋରାଚାଲାଣ ହେଉଛି । ଏହି ଅଭିଯୋଗରେ ଖଣି ବିଭାଗ ଖବର ପାଇ ଅଚାନକ ଚଢଉ କରିଥିଲା । ଓଡି ୧୭ ଏଏ ୭୭୧୩, ଓଡି ୧୭ କ୍ୟୁ ୩୪୧୯ ହାଇୱାକୁ ବାଲି ଭର୍ତ୍ତି ଅବସ୍ଥାରେ ଯାଞ୍ଚ କରାଯାଇଥିଲା । ଆବଶ୍ୟକ ଅନୁମତି ଓ କାଗଜପତ୍ର ନଥିବାରୁ ଗାଡ଼ି ସହ ବାଲିକୁ ଜବତ କରାଯାଇଛି । କାଗଜପତ୍ର ଯାଞ୍ଚ ପରେ ୧ ଲକ୍ଷ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି ।

# 'ନୂଆ-ଓ' ବିଶ୍ୱ ଭାଷା ସମ୍ମିଳନୀ

**ବରଗଡ଼, ୨।୨ (ସମିସ):** ବରଗଡ଼ ସଦର ବ୍ଲକ ଚକରକେନ୍ଦ ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଶ୍ୱଭାଷା ସମ୍ମିଳନୀ ତଥା ନୂଆ-ଓ ଅନ୍ତର୍ଗତ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ହୃଷୀକେଶ ସାହୁ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଶୋକ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବରେ କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ଭଗବତୀ କର ଯୋଗ ଦେଇଥିଲେ । ଏଥିସହ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିକୁ ଭିତ୍ତିକରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଯାଇଛି । ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ପଦ୍ମପୁର, ୨।୨ (ସମିସ):** ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟିକ ରବିନାରାୟଣ ସାହୁ ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରୀମାନଙ୍କୁ ଜୀବନ ଗଠନ ପାଇଁ ମାର୍ଗଦର୍ଶନ ଦେଇଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗ ପ୍ରାଧ୍ୟାପିକା ମମତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜନୀତି ବିଭାଗ ପ୍ରାଧ୍ୟାପିକା ସସ୍ମିତା ସାହୁ ବିବରଣୀ ପଠନ କରିଥିଲେ । ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ଓ ଅଧ୍ୟାପିକା ଅମିତା ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅର୍ଥନୀତି ଅଧ୍ୟାପକ ବିଷ୍ଣୁପ୍ରସାଦ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀମାନେ କୀର୍ତ୍ତନ, ଘୁଡୁକା ନାଚ, ବଙ୍ଗାଳୀ ନାଚ ପଲସାବନ ଓ ଏକାଙ୍କିକା ଅନ୍ଧବିଶ୍ୱାସର ଅନ୍ଧାରରେ ସମାଜ ଅଭିନୀତ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ ।




# ଧୁମାଭଟା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଦ୍ମପୁର, ୨।୨ (ସମିସ):** ପଦ୍ମପୁର ଉପଖଣ୍ଡ ଧୁମାଭଟା ଗ୍ରାମରେ ଥିବା କଲ୍ୟାଣ ବିଭାଗ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳନ କରାଯାଇଛି । ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲଖମରା ସରପଞ୍ଚ ସୁବାସ ଝଗରା ମୁଖ୍ୟଅତିଥି, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ଭିଲ, ପଦ୍ମଲୋଚନ ସାହୁ ଅନ୍ୟତମ ଅତିଥି ଭାବରେ ମଞ୍ଚାସୀନ ଥିଲେ । ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧଦେବ ମହାରଣା ବାର୍ଷିକ ବିବରଣୀ ପଠନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ମୁଖ୍ୟଅତିଥି ଶ୍ରୀ ଝଗରା ପୁରସ୍କୃତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳାଚନ ପଟେଲ ଧନ୍ୟବାଦ ଦେଇଥିଲେ । ୱାର୍ଡସଭ୍ୟ ଚତୁର୍ଭୁଜ ଡନସନା, ମଧୁ ବରିହା, ମାଘମତି କୁମ୍ଭାର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

# ଭଟଲି ରୋଡରେ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

**ବରଗଡ଼, ୨।୨(ସମିସ):** ଶୁକ୍ରବାର ବରଗଡ଼ ଭଟଲି ରୋଡରେ ନିର୍ମାଣ ହେବାକୁ ଥିବା ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିରର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂଜାରେ ସରୋଜ ଗଡ଼ତିଆ ଏବଂ ତାଙ୍କ ପତ୍ନୀ ଜନନୀ ଗଡ଼ତିଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏଠାରେ ପୂର୍ବରୁ ଥିବା ପୁରାତନ ମନ୍ଦିରଟି ଜରାଜୀର୍ଣ୍ଣ ହୋଇପଡ଼ିଥିବା ବେଳେ ଏକ ନୂତନ ନିର୍ମାଣ ପାଇଁ ନିଷ୍ପତି ହୋଇଥିଲା ଏବଂ ଆଜି ତାର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପୂଜାରେ ସାମିଲ ହୋଇଥିବା ବେଳେ ବ୍ରହ୍ମା ମହାକୁଡ, ମଣ୍ଟୁ ଗଡ଼ତିଆ, ବିକି ପ୍ରଧାନ, ରତନ ଅଗ୍ରୱାଲ, କୁନୁ ବର୍ଗେ, ପ୍ରମୋଦ ପଟ୍ଟନାୟକଙ୍କ ସମେତ ପ୍ରଗତି କ୍ଲବର ସଦସ୍ୟ ତଥା ପଡ଼ାବାସୀ ସହଯୋଗ କରିଥିଲେ । ମନ୍ଦିର ନିର୍ମାଣ କମିଟି ତରଫରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା ।



# ବୁଣାକାର ସଚେତନତା ଶିବିର

**ବରପାଲି,୨।୨ (ସମିସ):** ବରପାଲିରେ ବୁଣାକାର ସଚେନତା ଶିବିର ଅନୁଷ୍ଠିତ ହୋଇଯାଇଛି । ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ରିନା ଥଇତ, ବରିଷ୍ଠ ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର ମେହେର, ଏନଏସି ଅଧ୍ୟକ୍ଷା ସୁପ୍ରିୟା ଜେନା, ଜିଲ୍ଲା ଜୀବନବିନ୍ଦୁ ସଂଯୋଜକ ଗୌରହରି ମିଶ୍ର, ଟିକାଏତ ମହତ୍ତମ, ମହେନ୍ଦ୍ର ମେହେର ପ୍ରମୁଖଙ୍କ ସହ ବହୁ ବରିଷ୍ଠ ବୁଣାକାର ଓ ବାନ୍ଧଶିଳ୍ପୀ ଯୋଗ ଦେଇଥିଲେ । ଓଡିଶା ସରକାର ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା । ବହୁ ମହିଳା ଓ ପୁରୁଷ ବୁଣାକାର ଉପସ୍ଥିତ ଥିଲେ ।



# ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବିନ ଓଡ଼ିଶା' ସଙ୍କଳ୍ପ ଉତ୍ସବ

**ବରପାଲି/ଗୁଡେରପାଲି, ୨।୨ (ସମିସ)**

ବରପାଲି ବ୍ଲକ ମହୁଲପାଲି ପଞ୍ଚାୟତ ପକ୍ଷରୁ ପଞ୍ଚାୟତବାସୀଙ୍କ ଗହଣରେ ଆମ ଓଡିଶା ନବିନ ଓଡିଶା ସଙ୍କଳ୍ପ ଉତ୍ସବ ଆୟୋଜିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗ ଦେଇଥିଲେ । ସରପଞ୍ଚ ରବିନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ରିନା ଥଇତ, ଜିଲ୍ଲା ପରିଷଦ ସଦସ୍ୟ ଗୋବିନ୍ଦ ସାହୁ, ପାକ୍ସ ସଭାପତି ଧ୍ରୁବରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥି ଓ ପଞ୍ଚାୟତବାସୀଙ୍କ ସହ କର୍ମକର୍ତ୍ତାମାନେ ଉନ୍ନତ ବିକାଶ ମୂଳକ କାର୍ଯ୍ୟକ୍ରମର ଉଚିତ ବିନିଯୋଗ ଏବଂ ସଠିକ ଧାରାରେ ଆଦର୍ଶ ପଞ୍ଚାୟତ ଗଠନ ସମ୍ବନ୍ଧରେ ମିଳିତ ସଙ୍କଳ୍ପ ପାଠ କରିଥିଲେ । ପରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା । ପଞ୍ଚାୟତ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ଆଶା ଦିଦି, ଜିଆରଏସ, ନାଏବ ସରପଞ୍ଚ ତଥା ୱାର୍ଡସଭ୍ୟ ସହଯୋଗ କରିଥିଲେ ।

ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରହିଛି । ଏହିକ୍ରମରେ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି ଗ୍ରାମପଞ୍ଚାୟତରେ ସରପଞ୍ଚ ରାମଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚାଷୀନେତା କିଶୋରଚନ୍ଦ୍ର ଦେବତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ, ଅଧ୍ୟକ୍ଷ ପ୍ରଣୟ ସାହୁ, ସରୋଜ ସାହୁ, ବରିଷ୍ଠ ବିଜେଡି ନେତା ମୁକେଶ ମୁରାରୀ କେଡିଆ, ସାମ୍ବାଦିକ ସୁଶାନ୍ତ ପଣ୍ଡାଙ୍କ ସମେତ ଗୁଡେରପାଲି ଏସଏଚଜି ମହିଳା, ଆଶା, ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ ।





# ଭଟଲି ନିର୍ବାଚନମଣ୍ଡଳୀ ପ୍ରତ୍ୟେକ ସ୍ତରରେ ଉନ୍ନତି କରିଛି: ସୁଶାନ୍ତ



**ବରଗଡ଼/ଭଟଲି, ୨।୨ (ସମିସ):** ଭଟଲି ବ୍ଲକ୍ ଖରମୁଣ୍ଡାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ତରାକାନା, କସରୁ, ଉର୍ଦ୍ଦୁନା, ଖାରମୁଣ୍ଡା ଗ୍ରାମରୁ ହଜାର ହଜାର ଲୋକ ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତ୍ୟେକ ଯୋଜନା ଦ୍ୱାରା ଜନସାଧାରଣ କିପରି ଉପକୃତ ହେଉଛନ୍ତି ତା'ର ଅବଲୋକନ କରିଥିଲେ। ବରଗଡ଼ ଜିଲ୍ଲା ସରପଞ୍ଚ ସଂଘ ସଭାପତି ଗୋବିନ୍ଦ ସାହୁ ସ୍ୱାଗତ ଭାଷଣରେ ଖରମୁଣ୍ଡା ପଞ୍ଚାୟତରେ ଏହିସବୁ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ଚିଠା ଉପସ୍ଥାପନ କରିଥିଲେ। ଭଟଲି ବ୍ଲକ୍ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ନୂଆଗଡ ସରପଞ୍ଚ ଦୁର୍ବାସା ପ୍ରଧାନ, ଖରମୁଣ୍ଡା ସରପଞ୍ଚ କୁମୁଦିନୀ ପ୍ରଧାନ, ପିଙ୍କି ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖରମୁଣ୍ଡା ଏସଏଚଜି ସଦସ୍ୟାବୃନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ସମାଜସେବୀ ସତ୍ୟନାରାୟଣ ପ୍ରଧାନ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପଞ୍ଚାୟତର ବିକାଶ ସମ୍ବଳିତ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବାରପାହାଡ କଳା ପରିଷଦର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ତରାକନା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ବିଦ୍ୟା ପ୍ରଦର୍ଶନ କରିଥିଲେ। ଅର୍ଚ୍ଚନା ପାଢ଼ୀ ତାଙ୍କ ଟିମ୍ ଖୁବ୍ ସୁନ୍ଦର ଆର୍କେଷ୍ଟ୍ରା କାର୍ଯ୍ୟକ୍ରମ କରିଥିଲେ। ସଂଯୋଜନା କରିଥିଲେ ବୈରାଗୀ ସାହୁ।

ଉଦ୍‌ଘାଟନ ଅପେକ୍ଷାରେ ବରଗଡ଼ କ୍ୟାନସର ହସପିଟାଲ

# ୧୨୦ କୋଟିର ଶହେ ଶଯ୍ୟା ହସପିଟାଲ ପ୍ରସ୍ତୁତ

ବରଗଡ଼, ୨।୨(ସମିସ)

କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାର ଜ୍ୱଳନ୍ତ ଉଦାହରଣ ଭାବେ ବରଗଡ଼ରେ ନିର୍ମାଣ ହୋଇଥିବା କ୍ୟାନସର ହସପିଟାଲକୁ ନିଆଯାଇପାରେ। ମୁଖ୍ୟମନ୍ତ୍ରୀ ନବୀନ

**ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଏବଂ ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ଅଞ୍ଚଳବାସୀ**

ପଟ୍ଟନାୟକଙ୍କ ଦ୍ୱାରା ଘୋଷଣା ହୋଇଥିବା କ୍ୟାନସର ହସପିଟାଲ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସହ ଏବେ ଖୁବ ଶୀଘ୍ର ଏହାର ଉଦଘାଟନ ହେବାକୁ ଯାଉଛି। ଯାହାକୁ ନେଇ କେନସର ରୋଗୀଙ୍କ ସହ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ବରଗଡ଼ ଜିଲ୍ଲା ସାରା ଭାରତରେ ପଞ୍ଜାବ ପରେ ଦ୍ୱିତୀୟ ଆକ୍ରାନ୍ତ ଅଞ୍ଚଳ ଭାବେ କୁହାଯାଉଛି। ଯାହାକୁ ନେଇ କ୍ୟାନସର ଆକ୍ରାନ୍ତଙ୍କ ଦ୍ୱାରା ଗଠିତ ଫାଇଟର୍ସ ଗ୍ରୁପ ଠାରୁ ୟୁନାଇଟେଡ ଫୋରମ ଫର କ୍ୟାନସର




ହସପିଟାଲ ପରି ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ସଂଗଠନ ବରଗଡ଼ରେ ଏକ କ୍ୟାନସର ହସପିଟାଲ ନିର୍ମାଣ ପାଇଁ ଦାବି କରିଥିଲେ। ବାରମ୍ବାର ଦାବି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ରେ ସୋହେଲାଠାରେ ଆୟୋଜିତ ଏକ ସଭାରେ ବରଗଡ଼ ଜିଲ୍ଲାରେ କ୍ୟାନସର ହସପିଟାଲ ନିର୍ମାଣ ନେଇ ଘୋଷଣା କରିଥିଲେ। ପଶ୍ଚିମ ଓଡ଼ିଶାର କ୍ୟାନସର ପୀଡ଼ିତଙ୍କ ଦୁଃଖ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ଆଜି ପୂରଣ ହେବାକୁ ଯାଉଛି। ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପ୍ରାୟ ୧୨୦ କୋଟି ବ୍ୟୟ ଅଟକଳରେ ୫ ମହଲା ବିଶିଷ୍ଟ ଏହି କ୍ୟାନସର ହସପିଟାଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଖୁବ ଅଳ୍ପ ଦିନ ମଧ୍ୟରେ ଏହାର ଉଦଘାଟନ ହେବ ବୋଲି ସୂଚନା ମିଳିଛି।

ବରଗଡ଼ରେ ନିର୍ମାଣ ହୋଇଥିବା କ୍ୟାନସର ହସପିଟାଲ ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଇନଡୋର ୱାଡ଼ ପାଇଁ ୪୦ ଶଯ୍ୟା, ଡେ- କେୟାର କେମୋଥେରାପି ପାଇଁ ୨୦ ଶଯ୍ୟା, ଆଇସିୟୁ ପାଇଁ ୬ ଶଯ୍ୟା, ହାଇ ଡିପେନ୍‌ଡେସି ଇଉନିଟ୍ ପାଇଁ ୬ ଶଯ୍ୟା, ପ୍ରି - ସର୍ଜରୀ ୬ ଶଯ୍ୟା, ପୋଷ୍ଟ ସର୍ଜରୀ ୬ ଶଯ୍ୟା, ଆଇସୋଲେସନ୍ ଶଯ୍ୟା ୪ ଓ ୧୨ ଟି କ୍ୟାବିନ୍ ବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ଗତ ବର୍ଷ ଜୁନ ମାସରେ ୫-ଟି ଅଧ୍ୟକ୍ଷ ପାଣ୍ଡିୟାନ ବରଗଡ଼ ଗସ୍ତରେ ଆସି ଏହାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କ୍ୟାନସର ହସପିଟାଲ ପାଇଁ ରେଡିଏନ୍ସ ଅଙ୍କୋଲୋଜିଷ୍ଟ, ମେଡିକାଲ ଅଙ୍କୋଲୋଜିଷ୍ଟ, ପାଲୋଜିଷ୍ଟ, ସର୍ଜରୀ ସ୍ପେସିଆଲିଷ୍ଟ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, କର୍ଣ୍ଣ- ନାଶା - ଗଳା ବିଶେଷଜ୍ଞ, ଦାନ୍ତ ରୋଗ ବିଶେଷଜ୍ଞ, ମେଡିସିନ ସ୍ପେସିଆଲିଷ୍ଟ, ରେଡିଏଂଶ ଟେକ୍ନୋଲୋଜିଷ୍ଟ, ଫାର୍ମାସିଷ୍ଟ, ଲେବ ଟେକ୍ନିସିଆନ ଓ ନର୍ସିଂ ଅଫିସରର ଆଦି ନିଯୁକ୍ତି ଦିଆଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତରଫରୁ ସୂଚନା ଦଆଯାଇଛି।

ଟୋଲ ଅସୁଲିକୁ ନେଇ ପୁଣି ବିରୋଧ

# ଅଶୋକା ବିଲ୍ଡକନ ବିରୋଧରେ ଆନ୍ଦୋଳନ ଚେତାବନୀ

**ବରଗଡ଼, ୨।୨(ସମିସ):** ବରଗଡ଼ ଜିଲ୍ଲାର ଯାନବାହନରୁ ଅଶୋକା ବିଲ୍ଡକନ ତରଫରୁ ଟୋଲ ଆଦାୟ ଆରମ୍ଭ କରାଯିବା ପରେ ହାଇୱେ ୟୁଜର୍ସ ଫୋରମ ଏହାର ବିରୋଧ କରିଛି। ଏନେଇ ୟୁଜର୍ସ ଫୋରମ ପକ୍ଷରୁ ଏନଏଚଆଇ କର୍ତ୍ତୃପକ୍ଷଙ୍କ ସମେତ ବରଗଡ଼ ଜିଲ୍ଲାପାଳ, ଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହ ବରଗଡ଼ ଜିଲ୍ଲାର ଗାଡିଗୁଡିକରୁ ଟୋଲ ଆଦାୟ କରିବାକୁ ଦାବି କରାଯାଇଥିଲା।

ଠିକା ସଂସ୍ଥା ଅଶୋକା ବିଲ୍ଡକନ ଫେବୃଆରୀ ୧ ତାରିଖରୁ ବରଗଡ଼ର ଯାନବାହାନରୁ ଟୋଲ ଅସୁଲି ଆରମ୍ଭ କରିଥିବା ବେଳେ ହାଇୱେ ୟୁଜର୍ସ ଫୋରମ ତରଫରୁ ଏହାକୁ ବିରୋଧ କରାଯାଇଥିଲା। ଏନେଇ ହାଇୱେ ୟୁଜର୍ସ ଫୋରମ ତରଫରୁ ତୀବ୍ର ବିରୋଧ କରାଯିବା ସହ ବେଆଇନ ଟୋଲ ଆଦାୟ ବନ୍ଦ କରାଯିବାକୁ ଦାବି କରାଯାଇଥିଲା। ଏନେଇ ବରଗଡ଼ ସଂଗଠନର ସଦସ୍ୟମାନେ ଏନଏଚଆଇ କର୍ତ୍ତୃପକ୍ଷ ଏବଂ ବରଗଡ଼ ଜିଲ୍ଲାପାଳ ତଥା ଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସମସ୍ତ ଯାନବାହନରୁ ଟୋଲ ଆଦାୟ ବନ୍ଦ କରିବାକୁ ଦାବି କରାଯାଇଥିଲା। ଗତ କାଲି ଫେବୃୟାରୀ ୧ ତାରିଖରୁ ଠିକା ସଂସ୍ଥା ଅଶୋକା ବିଲ୍ଡକନ ତରଫରୁ ଜିଲ୍ଲାର ଗାଡିଗୁଡିକରୁ ଆରମ୍ଭ କରାଯାଇଥିବା ଟୋଲ ଆଦାୟକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଥିଲା। ଏ ଅବସରରେ ହାଇୱେ ୟୁଜର୍ସ ଫୋରମ ତରଫରୁ ଟୋଲ ପ୍ଲାଜା ସମ୍ମୁଖରେ ବସି ରହି ପ୍ରତିବାଦ ମଧ୍ୟ କରାଯାଇଥିଲା। ଅଶୋକା ବିଲ୍ଡକନ ବେଆଇନ ଭାବରେ ଟୋଲ ଆଦାୟ କରୁଥିବା ନେଇ ବିଭିନ୍ନ ସମୟରେ ଏହା ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠୁଛି। ଅଶୋକା ବିଲ୍ଡକନ ତରଫରୁ ଗ୍ରାମ୍ୟ ରାସ୍ତାରେ ମଧ୍ୟ ଟୋଲ ଆଦାୟ କରାଯାଉଥିବା ବେଳେ ଏହାକୁ ନେଇ ବିଭିନ୍ନ ସମୟରେ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ମଧ୍ୟ ହେଉଥିବା ପରିଲକ୍ଷିତ ହେଉଛି। ଯାହାର କି ଆଗାମୀ ଦିନରେ ଦୃଢ଼ ପ୍ରତିବାଦ କରାଯିବ ବୋଲି ହାଇୱେ ୟୁଜର୍ସ ଫୋରମ ତରଫରୁ ସୂଚନା ଦିଆଯାଇଛି।



ହାଇକୋର୍ଟରେ ନୂତନ ଜିଲ୍ଲା ପୁନର୍ଗଠନ ମାମଲା

# ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

**କଟକ, ୨।୨(ସମିସ):** ନୂତନ ଜିଲ୍ଲା ପୁନର୍ଗଠନକୁ ନେଇ ଦାୟର ଏକ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି। ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବଙ୍କ ପକ୍ଷରୁ ୩୦୦ ପୃଷ୍ଠାର ଏକ ସତ୍ୟପାଠ ଦାଖଲ ହୋଇଥିବା ବେଳେ ଏହା ଉପରେ ଆବେଦନକାରୀଙ୍କୁ ପ୍ରତି ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ପୂର୍ବରୁ ଜାରି ଅନ୍ତରୀଣ ଆଦେଶକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି ହାଇକୋର୍ଟ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ରାଇରଙ୍ଗପୁର ବାର୍ ଆସୋସିଏସନ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟପାଠରେ ଦର୍ଶାଯାଇଛି ଯେ ପଦ୍ମପୁର ସବ୍‌ଡିଭିଜନ୍‌କୁ ବରଗଡ଼ ଜିଲ୍ଲାରୁ ପୃଥକ କରି ସରକାର ନୂତନ ଜିଲ୍ଲା ଗଠନ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରାଯିବା ସହ ଏହି କମିଟି ପଦ୍ମପୁର ପରିଦର୍ଶନ କରିଛି। କେଉଁଠି ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟ ସ୍ଥାପନ ହେବ ତାହାର ଅନୁଧ୍ୟାନ କରିଛି ଏହି କମିଟି। ଅନ୍ୟପଟରେ ରାଜ୍ୟରେ ୨୮ଟି ନୂତନ ଜିଲ୍ଲା ଗଠନ ପାଇଁ ୧୫ଟି ଜିଲ୍ଲାରୁ ଦାବିପତ୍ରଗୁଡ଼ିକ ସରକାରଙ୍କ ହସ୍ତଗତ ହୋଇଥିବା ସତ୍ୟପାଠରେ କୁହାଯାଇଛି। ଏହି ଜନସ୍ୱାର୍ଥ ମାମଲାର ଆବେଦନକାରୀଙ୍କ ରାଇରଙ୍ଗପୁରକୁ ନୂତନ ଜିଲ୍ଲା ମାନ୍ୟତା ଦାବି ସଂକ୍ରାନ୍ତ ଦାବିପତ୍ର ମଧ୍ୟ ଗତ ୨୦୨୩ ଜୁନ୫ ରୁ ମିଳିଛି ବୋଲି ଉଲ୍ଲେଖ ରହିଛି। ସିଆରପିସି ୧୯୭୩ର ଧାରା ୭୦ ଓଡ଼ିଶା ରାଜସ୍ୱ ପ୍ରଶାସନ ୟୁନିଟ ଆକ୍ଟ ୧୯୬୩ଅନୁସାରେ ହାଇକୋର୍ଟଙ୍କ ସହ ପରାମର୍ଶ କରି ସରକାର ନୂତନ ଜିଲ୍ଲା ଗଠନ କରିପାରିବେ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଛି।

**୨୮ଟି ନୂତନ ଜିଲ୍ଲା ଗଠନ ପାଇଁ ଦାବିପତ୍ର ମିଳିଛି**

**ପଦ୍ମପୁର ଯାଇ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଅନୁଧ୍ୟାନ କରିଛି**

ସ୍ୱାଧୀନତା ପୂର୍ବରୁ ୬ ଜିଲ୍ଲା ଥିଲା ବେଳେ ୧୯୪୮ରେ ୭ଟି ନୂତନ ଜିଲ୍ଲା ଗଠନ ହେବା ସହ ଜିଲ୍ଲା ସଂଖ୍ୟା୧୩ରେ ପହଞ୍ଚିଥିଲା। ପରେ ୧୯୭୩ରେ ସରକାର ଜଷ୍ଟିସ ରାଜକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପୁନର୍ଗଠନ କମିଟି ଗଠନ କରିଥିଲେ। ଏହି କମିଟି ନୂତନ ଜିଲ୍ଲା ପୁନର୍ଗଠନ ସମ୍ପର୍କରେ ରିପୋର୍ଟ ୧୯୭୫ରେ ଦେଇଥିଲେ। କମିଟିର ସର୍ତ୍ତାବଳୀ ଅନୁସାରେ ନୂତନ ଜିଲ୍ଲା ପୁନର୍ଗଠନ ପାଇଁ ୧୫ରୁ୨୦ଲକ୍ଷ ଜନସଂଖ୍ୟା, ୧୫ହଜାରବର୍ଗ କିଲୋମିଟର ପରିମିତ ଅଞ୍ଚଳ ଓ ଅର୍ଥନୈତିକ ସ୍ଥିତି ଆଦି ବିଚାରକୁ ନିଆଯିବା ପାଇଁ ଉଲ୍ଲେଖ ଥିଲା। ସେହିପରି ୧୯୯୧ରେ ନୂତନ ଜିଲ୍ଲା ପୁନର୍ଗଠନର ବିଚାର ପାଇଁ ସରକାର କ୍ୟାବିନେଟ ସବକମିଟି ଗଠନ କରିଥିଲେ। ଏହାପରେ ଅଦାଲତଙ୍କ ସହ ପରାମର୍ଶ କରି ରାଜସ୍ୱ ଓ ଅବକାରୀ ବିଭାଗ ପକ୍ଷରୁ ପର୍ଯ୍ୟାୟ କ୍ରମେ ୧୭ଟି ନୂତନ ଜିଲ୍ଲା ଗଠନ କରାଯାଇଥିଲା ବୋଲି ସରକାର ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁରକୁ ଜିଲ୍ଲା ମାନ୍ୟତା ଦାବି ବହୁ ପୁରୁଣା ହୋଇଥିବା ବେଳେ ଏହି ପ୍ରସଂଗକୁ ବିଚାରକୁ ନ ନେଇ ପଦ୍ମପୁରକୁ ଜିଲ୍ଲା ଘୋଷଣା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ନୂତନ ଜିଲ୍ଲା ପୁନର୍ଗଠନ ଗାଇଡ୍‌ଲାଇନ୍ ମୁତାବକ କରିବା ସହ ଏଥିପାଇଁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ। ହାଇକୋର୍ଟଙ୍କ ଅନୁମତି ବିନା ନୂତନ ଜିଲ୍ଲା ପୁନର୍ଗଠନ ସମ୍ପର୍କରେ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଏହି ମାମଲାରେ ଅଦାଲତ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁଶାନ୍ତ କୁମାର ଦାଶ ମାମଲା ପରିଚାଳନା କରୁଛନ୍ତି।

# ପଦ୍ମପୁର ଜିଲ୍ଲା ଦାବିରେ ଗଣଧାରଣା ଜାରି

**ପଦ୍ମପୁର, ୨।୨(ସମିସ):** ପଦ୍ମପୁରକୁ ଜିଲ୍ଲା ଘୋଷଣାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି। ଦ୍ୱିତୀୟ ଦିନରେ ମଧ୍ୟ ଗଣଧାରଣା ବଳବତ୍ତର ରହିଛି। ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସନ୍ତୋଷ ଶତପଥୀ, ସଂପାଦକ ଚିନ୍ମୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓକିଲ ସଂଘ, ବଣିକ ସଂଘ, ଲାୟନ୍ସ କ୍ଲବ୍ ତଥା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ଏବଂ କ୍ଲବ୍ ସଦସ୍ୟମାନେ ଯୋଗ ଦେଇଥିଲେ।

# ସନ୍‌ରାଇଜ କପ୍ କ୍ରିକେଟ: ଉପରବାହାଲ ସେମିରେ

**ପଦ୍ମପୁର, ୨।୨(ସମିସ):** ଜମଲାରେ ୨୪ତମ ସନରାଇଜ କପ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନ ଖେଳରେ ୫ଟି ଦଳ ଭାଗନେଇଥିଲେ। ସେଥିମଧ୍ୟରୁ ଉପରବାହାଲ ଦଳ କ୍ୱାର୍ଟର ଫାଇନାଲରେ ସିଂହନପୁର ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରସ୍କାର ପ୍ରଦାନ ଉତ୍ସବରେ ଶ୍ୟାମବନ୍ଧୁ ବେହେରା ଅତିଥି ରୂପେ ଯୋଗ ଦେଇଥିଲେ। ମ୍ୟାଚରେ ହନୁ, ପ୍ରଦୀପ, ଆଦର୍ଶ, ପିଣ୍ଟୁ, ମଙ୍ଗଲୁ ଅମ୍ପାୟାରିଂ ଏବଂ ପ୍ରିୟବ୍ରତ ଓ କ୍ଷିତିଶ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଆନନ୍ଦ, ରୂପକ, ଶ୍ୟାମବନ୍ଧୁ ଓ ଦିଲୀପ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ରାହୁଲ, ଜୁବଲୁ, ରିଷି, ଭାଗ୍ୟବାନ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ

**ପଦ୍ମପୁର, ୨।୨ (ସମିସ):** ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନରେ ଆସି ୫-ଟି ଅଧୀନରେ ଚାଲୁଥିବା ଚିକିତ୍ସାଳୟର ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି ତଦାରଖ ସହ ସମୀକ୍ଷା କରିଛନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକାରୀ ଅରୁଣ ପାଣ୍ଡେ, ଶତ୍ରୁଘ୍ନ କାଲୋ ଓ ଯଶୋବନ୍ତ ବେହେରାଙ୍କୁ ଏହି କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ବିଭିନ୍ନ ୱାର୍ଡ ଓ ରକ୍ତଭଣ୍ଡାର, ନିଦାନ କେନ୍ଦ୍ର ବୁଲି ଦେଖିବା ସହ ଏହାର ସୁବିଧା ଅସୁବିଧା ଉପରେ ପଚାରି ବୁଝିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜିତେନ୍ଦ୍ର ମୋହନ ବେବର୍ତା, ଜିଲ୍ଲା ପୋଗ୍ରାମ ମେନେଜର ଗିରିଜା ପ୍ରସାଦ ମିଶ୍ର, ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସାଧିକାରୀ ଜିପିଏସ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର ସଦସ୍ୟ ତଥା ସାମାଜିକ କର୍ମୀ ନିରୋଜ ଦୋରା ନର୍ସିଂ ଅଫିସରଙ୍କ ଅଭାବ, ଏକ୍ସରେ ଟେକନିସିଆନ ନିଯୁକ୍ତି, ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଏକ ଶବବାହକ ଗାଡ଼ିର ଯୋଗାଣ ଆଦି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ।

# ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

**ଅମ୍ବାଭୋନା, ୨।୨(ସମିସ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ ସଂଜୟ ଖମାରୀ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ବ୍ଲକ ସହଶିକ୍ଷା ଅଧିକାରୀ ଲାଲମୋହନ ସିଂ ଯୋଗ ଦେଇଥିଲେ। ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀ ହଂସିନୀ ପଟେଲ, ଲିପସା ପଧାନ, ମାନସୀ ପଟେଲ, ଆଦ୍ୟାଶା ଭୋଇ ଓ ବର୍ଷା ଦେହେରୀ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ରଂଜିତ ମୁନା, ଜ୍ୟୋତିଶ୍ଚନ୍ଦ୍ର ପଧାନ, ସୁବାସଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପଦ୍ମଲୋଚନ ବିଶି, ଅଶୋକ ଦାସ, ରଂଜିତ ସାହୁ, ଆଲୋକ ଭୋଇ, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ଅନୀତା ପ୍ରଧାନ, ରାଜକୁମାରୀ ଭୁଏ, ସରିତା ପଟେଲ, ମଂଜୁ ବଣିଆ ସହଯୋଗ କରିଥିଲେ। ଶିକ୍ଷକ ରାଧେଶ୍ୟାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# କଟାବାହାଲରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ଗାଇସିଲେଟ, ୨।୨(ସମିସ):** ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ମନ୍ତ୍ରୀ ରିତା ସାହୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସରପଞ୍ଚ ଅର୍ପିତା ପଣ୍ଡାଙ୍କ ସଭାପତିତ୍ୱରେ ଶିବିର ଅନୁଷ୍ଠିତ ହେବା ସହ ଅଧୁରା ଥିବା କାମ ଏବଂ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ଉପାଧ୍ୟକ୍ଷା ଯଶୋବନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ନୀଳମଣି ବରିହା, ଗାଇସିଲେଟ ସରପଞ୍ଚ ଶରତ କାଲୋ, ଜାମୁଟପାଲି ସମିତିସଭ୍ୟ ସରୋଜ ଶ୍ରୀଭୂଷଣ ସାହୁ, ତାଲପାଲି ସମିତିସଭ୍ୟା ମିନତୀ ମାଝି, ସୂର୍ଯ୍ୟନାରାୟଣ ତ୍ରିପାଠୀ, ଉଦିତ କେରକେଟା, କିଶୋର ଚନ୍ଦ୍ର ମହାଲିକ, ନୋଡାଲ ଅଫିସର ମାନସ ଭୋଇ, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭଗବାନ ସାହୁ, ଗ୍ରାମ ରୋଜଗାର ସେବକ ରୀନା ପାଣ୍ଡେ, ୱାର୍ଡସଭ୍ୟ, ଭଦ୍ରବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏମବିକେ, ସିଆରପିମାନେ ଉପସ୍ଥିତ ଥିଲେ। କଟାବାହାଲ ଗ୍ରାମପଞ୍ଚାୟତରେ ୨ କୋଟି ୫୧ ଲକ୍ଷ ୬୨ ହଜାର ଟଙ୍କା ବିନିମୟରେ ହୋଇଥିବା ୫ଟି ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପ୍ରାୟ ୨୦୦ ହେକ୍ଟର ଜମି ଏହାଦ୍ୱାରା ଜଳସେଚିତ ହୋଇପାରିବ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ



ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ପାଲା, କରମସାନି, ଡ଼ାଲଖାଇ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କଳାକାରଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା।

# 'ନୂଆ-ଓ' ପ୍ରତିଯୋଗିତା ଉଦ୍‌ଯାପିତ

ପାଇକମାଲ/ପଦ୍ମପୁର, ୨।୨ (ସମିସ)

ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ନୂଆଁ ଓ କାର୍ଯ୍ୟକ୍ରମର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍ ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ସରୋଜ ପ୍ରଧାନ ଯୋଗ ଦେଇଥିଲେ। ବିଭିନ୍ନ ପର୍ଯ୍ୟାୟରେ ସାତଟି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂରାଜୀ ବିଭାଗର ଅଧ୍ୟାପକ ପ୍ରଦୀପ୍ତ ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଯୋଜକ ତଥା ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଭାତ ବିଶ୍ୱାଳ ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଦେବରାଜ ସାହୁ ଧନ୍ୟବାଦ ଦେଇଥିଲେ।




ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆଁ-ଓ ଯୁବ ଓଡିଶା ନବୀନ ଓଡିଶା ଯୋଜନାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପଦ୍ମିନୀ ଦାଶ ସଭାପତିତ୍ୱ କରିଥିଲେ। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ ଡ.ବାଞ୍ଛାନିଧି ପଣ୍ଡା ମୁଖ୍ୟବକ୍ତା, ଲୋକନୃତ୍ୟ ବିଷାରଦ ଗୁରୁଶ୍ରୀ ସୁରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଉତ୍ସବରେ ଡ. ପଣ୍ଡା ଓ ଗୁରୁଶ୍ରୀ ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ନୋଡାଲ ଅଧିକାରୀ ପ୍ରାଧ୍ୟାପିକା ସସ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ନୋଡାଲ ଅଧିକାରୀ ମମତା ସାହୁ, କ୍ରୀଡା ବିଭାଗ ନୋଡାଲ ଅଧିକାରୀ ବିଷ୍ଣୁପ୍ରସାଦ ଷଡଙ୍ଗୀ, ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା, ଅଧ୍ୟାପିକା ଅମିତା ପତି ସହଯୋଗ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବରପାଲି, ୨।୨(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ନେଇ ଚାଲିଥିବା ଦଶଦିବସୀୟ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ସଂଯୋଜିକା ଅଧ୍ୟାପିକା ଡ. ସମ୍ବିତା ପ୍ରଧାନ ସଂଚାଳନ କରିଥିଲେ। ମାଷ୍ଟର ଟ୍ରେନର ଭାବରେ ଶୁଭ୍ରସ୍ମିତା ବୁଧିଆ ଓ ରେଣୁକା ଗହୀର ପ୍ରଶିକ୍ଷକ ଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟାପକ ସୁଶୀଲ ଶଥପଥୀ ଓ ଅଧ୍ୟାପିକା ମମତା ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ଅଧ୍ୟାପିକା ସୀମାଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ବିତରଣ କରାଯାଇଥିଲା।



## ଆଉ ଚାଲୁନି ଡାଇରେକ୍ଟ କଣ୍ଟାକ୍ଟ

# ଅଧାବାଟ ମାଲ୍ ଛାଡ଼ିବାକୁ ଆସୁଛନ୍ତି ବିକ୍ରେତା

**ବଲାଙ୍ଗିର, ୨।୨(ସମିସ)**

ବୌଦ୍ଧ କନ୍ଧମାଳ ଅଞ୍ଚଳରୁ ଭାୟା ବଲାଙ୍ଗିର ଦେଇ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ଦୀର୍ଘ ଦିନର। ପ୍ରତିଦିନ ଶହଶହ କ୍ୱିଣ୍ଟାଲ ମାଲ ପଠାଯାଏ। ହେଲେ ଗତ କିଛି ମାସତଳେ ଗଞ୍ଜେଇ କାରବାରର ବଡମୁଣ୍ଡ ପୁଲିସ ଜାଲରେ ପଡ଼ିବା ପରେ ଏବେ ବେପାରର ତରିକା ବଦଳିଛି।

## ଗଞ୍ଜେଇ କାରବାରର ନୂଆ ଠିକଣା; ବଲାଙ୍ଗିର ରେଳଷ୍ଟେସନ

ଡାଇରେକ୍ଟ କଣ୍ଟାକ୍ଟ ନୁହେଁ ଅଧାବାଟ ପର୍ଯ୍ୟନ୍ତ ମାଲ ଛାଡିବାକୁ ଆସୁଛନ୍ତି ବିକ୍ରେତା। କ୍ରେତା ବିକ୍ରେତାଙ୍କ ଦ୍ୱାରା ମାଲ ଗ୍ରହଣ କରିବା ପାଇଁ ବଲାଙ୍ଗିର ରେଳ ଜଙ୍କସନ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନକୁ ବଛାଯାଇଛି। ଗତ ୫ ଦିନ ମଧ୍ୟରେ ରେଳ ଷ୍ଟେସନ ପରିସରରୁ ୨ ଥର ଗଞ୍ଜେଇ ଧରାପଡ଼ିବା ପରେ ନିଶା ବେପାରୀ ମାନଙ୍କ ଏଭଳି ଯୋଜନା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁସାରେ ଶୁକ୍ରବାର ମଧ୍ୟାହ୍ନରେ ଅବକାରୀ ବିଭାଗର ମୋବାଇଲ ଟିମ ବଲାଙ୍ଗିର ରେଳଷ୍ଟେସନ ନିକଟରେ ଗଞ୍ଜେଇ କାରବାର ଚାଲିଥିବା ଖବର ପାଇଥିଲା। ଇନ୍ସପେକ୍ଟର ମଞ୍ଜୁ ଏକା ଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ଚଢାଉ କରିଥିଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ଜଣେ ବ୍ୟକ୍ତି ଗଞ୍ଜେଇ ନେଉଥିବା ସନ୍ଦେହ କରି ତାକୁ ଯାଞ୍ଚ କରିବାରୁ ତା'ଠାରୁ ୮ କିଲୋ ଗଞ୍ଜେଇ ବାହାରିଥିଲା। ଗିରଫ ହୋଇଥିବା ଅଭିଯୁକ୍ତର ନାମ ଚୈତନ୍ୟ ସାହୁ ହୋଇଥିବାବେଳେ ସେ ମହାରାଷ୍ଟ୍ର ରାଜ୍ୟସ୍ଥିତ ନାଗପୁର ଜିଲ୍ଲାର ବୋଲି ଜଣାପଡ଼ିଛି। ସେହିଭଳି ଗତ ୫ ଦିନ ତଳେ ଅର୍ଥାତ୍ ୨୮ ତାରିଖ ଦିନ ରେଳବାଇ ପୁଲିସ ବେଙ୍ଗାଲୋରର ତିନିଜଣ ଛାତ୍ରଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ପାଖାପାଖି ୧୫ କିଲୋ ଗଞ୍ଜେଇ ଜବତ କରିଥିଲା। ଦୁଇଟି



ଘଟଣାରେ ରାଜ୍ୟ ବାହାରର ଲୋକ ଗିରଫ ହେବା ସେମାନଙ୍କର ଯେଜାନାକୁ ସ୍ପଷ୍ଟ କରୁଛି। କ୍ରେତା ନିକଟରେ ମାଲ ପହଞ୍ଚାଇବା ପରେ ବିକ୍ରେତା ଆଉ କୌଣସି ସମ୍ପର୍କ ରଖୁନଥିବାରୁ ବାହାର ରାଜ୍ୟର ଲୋକେ କିଛି ଜାଣିନପାରି ପୁଲିସ ଜାଲରେ ପଡୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ପ୍ରକାଶ ଯେ ପୂର୍ବରୁ କ୍ରେତା ମାନେ ସିଧାସଳଖ ବିକ୍ରେତାଙ୍କ ପାଖକୁ ଯାଉଥିଲେ। ସେଠାରୁ ମାଲ ନେଇ ସେମାନଙ୍କ ସହଯୋଗରେ ଜିଲ୍ଲା ଓ ରାଜ୍ୟର ସୀମା ପାର କରୁଥିଲେ। ବର୍ତ୍ତମାନ କିନ୍ତୁ ସ୍ଥିତି ବଦଳିଛି। ଗିରଫ ହେବା ଭୟରେ ବିକ୍ରେତା ମାନେ କ୍ରେତାଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ ଚାହୁଁନାହାନ୍ତି କି ବୋଲି ଲୋକେ ଆଲୋଚନା କରୁଛନ୍ତି। ସେ ଯାହା ହେଉନା କାହିଁକି ରେଳଷ୍ଟେସନ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ନିଶା କାରବାର ଆଦୌ ଗ୍ରହଣୀୟ ନୁହେଁ। ତେଣୁକରି ଅବକାରୀ ଓ ପୁଲିସ ବିଭାଗ ଏଅଞ୍ଚଳ ପ୍ରତି ତୀକ୍ଷ୍ଣ ନଜର ରଖନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

# କଳାହାଣ୍ଡି ଜିଲ୍ଲା ଯାଦବ ଭବନ ନିର୍ମାଣ ପାଇଁ ଭୂମିପୂଜନ

**ଭବାନୀପାଟଣା, ୨।୨(ସମିସ):** କଳାହାଣ୍ଡି ଜିଲ୍ଲା ଯାଦବ ଭବନ ନିର୍ମାଣ ପାଇଁ ଭବାନୀପାଟଣା ସାଇନ୍ସ ପାର୍କ ସମ୍ମୁଖ ସଂକ୍ରିଗୁଡାଠାରେ ଶୁକ୍ରବାର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାଇତ୍ୱ ନିର୍ବାହ କରିଥିବାବେଳେ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗଦେଇଥିଲେ। ଏଥିରେ ଭବାନୀପାଟଣା ପୌରାଧକ୍ଷା ସଞ୍ଜୁକ୍ତା ବେହେରା, ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ କୀର୍ତ୍ତନ ନାଏକ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଧଙ୍ଗଡାମାଝୀ, ଜିଲ୍ଲା ମିଡ଼ିଆ ସେଲ୍‌ଫ ଅଧ୍ୟକ୍ଷ ସୁନୀଲ କୁମାର ଧଙ୍ଗଡାମାଝୀ, ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର, ଭୂମିଦାତା ସୁଦର୍ଶନ ବେହେରା, ସମାଜସେବୀ ଇଂ ସୁଶିଲ କୁମାର ଶବର, ଜିଲ୍ଲା ଓ ୧୩ଟି ବ୍ଲକର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲା ଯାଦବ ଭବନ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିବାରୁ ତାଙ୍କୁ ସଭାରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝୀ ଓ ଭବାନୀପାଟଣା ସହର ଯାଦବ ସମିତିର କାର୍ଯ୍ୟକାରୀ ସଭାପତି ପିତବାସ ବେହେରା



ମଞ୍ଚ ସଂଯୋଜନା କରିଥିଲେ। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଭବାନୀପାଟଣା ସହର ଯାଦବ ସମିତି ସଭାପତି ରବୀନ୍ଦ୍ର ଲାଲ ଯାଦବ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ବିଶି ଓ ଅନ୍ୟମାନେ ସହଯୋଗ କରିଥିଲେ।

## କାର୍ ଓଲଟି ଦୁଇ ମୃତ, ୨ ଗୁରୁତର

**ସଇଁତଳା, ୨।୨(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା କୁସମଖାଲ ଗ୍ରାମ ନିକଟରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ପୁରୁଷ ଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ମୁସ୍କୁଟି ପଞ୍ଚାୟତର କେନ୍ଦୁପଡ଼ା ଗ୍ରାମର ଦେବିଲାଲ ମାଝୀ ଓ ସଇଁତଳା ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ାର ଗ୍ରାମର ପୃଥିରାଜ ମାଝୀଙ୍କ ସ୍ତ୍ରୀ ନଳିନି ମାଝୀ ବୋଲି ଜଣାପଡିଛି। ଗୁରୁତର ଦୁଇ ବ୍ୟକ୍ତି ହେଲେ ଡ୍ରାଇଭର ରାମକୃଷ୍ଣ ମାଝୀ ଓ ଅଞ୍ଜନ ମାଝୀ। ଗାଡିରେ ଥିବା ସମସ୍ତ ଯାତ୍ରୀ ସଇଁତଳା ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ଅଞ୍ଚଳକୁ ଏକ ଭୋଜିରେ ଯୋଗଦେବା ପାଇଁ ଆସି ନିଜ ଗ୍ରାମ ଅଭିମୁଖେ ଫେରୁଥିଲେ। ଦୁର୍ଘଟଣା ଘଟିଥିବା ଗାଡ଼ିଟି ରୁପ୍ରା ଅଞ୍ଚଳର ହୋଇଥିବା ବେଳେ ପୁଲିସ ଓ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ କରିଥିବା ଜଣାପଡ଼ିଛି।

## କ୍ରୀଡା ଶିକ୍ଷକ ଅରୁଣ ଖଟୁଆଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର

**କନ୍ଧମାଳ, ୨।୨(ସମିସ):** କନ୍ଧମାଳ ବ୍ଲକ ପଲଶାଗୋରା ମିଳିତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅରୁଣ ଖଟୁଆ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି। ପଲଶାଗୋରା ହାଇସ୍କୁଲରେ ଯୋଗଦେବା ପରେ ସେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ସଫଳତାର ସହ ଆୟୋଜନ କରିଆସିଛନ୍ତି। ବିଦ୍ୟାଳୟରେ ବ୍ୟାପକ ବୃକ୍ଷ ରୋପଣ କରିଥିବାରୁ ବିଦ୍ୟାଳୟ ଦୁଇଥର ରାଜ୍ୟସ୍ତରୀୟ ପ୍ରକୃତି ମିତ୍ର ପୁରସ୍କାର ପାଇଛି। ଜଣେ କ୍ରୀଡା ଶିକ୍ଷକ ଭାବେ



ଜିଲ୍ଲା ସ୍ତରରେ ସୁପରିଚିତ ଥିବା ଶ୍ରୀ ଖଟୁଆଙ୍କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାରେ ପ୍ରଥମ ପୁରସ୍କାର ଗ୍ରହଣ କରିଛନ୍ତି। ଶ୍ରୀ ଖଟୁଆ ପୁରସ୍କାର ପାଇବାପରେ ଏବଂ ଆମେ ପରିଷଦ, ଜିଲ୍ଲା ହଟୁଆ ସମାଜ, ଜିଲ୍ଲା ଶିକ୍ଷକ ସଂଘ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ନୂଆପଡ଼ା ବିଇଓଙ୍କୁ ଶିକ୍ଷକଙ୍କ ଭବ୍ୟ ସ୍ୱାଗତ

**ନୂଆପଡ଼ା, ୨।୨(ସମିସ):** ରାଜ୍ୟ ସରକାରଙ୍କ ତରଫରୁ ପ୍ରାଥମିକ ସ୍ତରରୁ ଉଚ୍ଚମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଉଲ୍ଲେଖନୀୟ ପ୍ରଦର୍ଶନ ସକାଶେ ବିଭିନ୍ନ ବିଭାଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ରାଜ୍ୟରେ ନୂଆପଡ଼ା ବ୍ଲକ ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ଶିକ୍ଷାଧିକାରୀ ଭାବେ ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ପାଇ ନୂଆପଡ଼ାକୁ ପ୍ରତ୍ୟାବର୍ତ୍ତନ ସମୟରେ ନୂଆପଡ଼ା ବ୍ଲକ ଶିକ୍ଷା ବିଭାଗ ତରଫରୁ ଶିକ୍ଷକମାନେ ମିଳିତ ଭାବେ ସ୍ୱାଗତ କରିଛନ୍ତି। ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘ ସଭାପତି ଅମିଲାଲ ଶବର, ଶଙ୍କର୍ଷଣ ପୁରୋହିତଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ, ସିଆରସିସି, ପ୍ରଧାନଶିକ୍ଷକ ସ୍ୱାଗତ କରିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏଥିପାଇଁ ଜିଲ୍ଲାପ୍ରଶାସନ, ରାଜ୍ୟ ସରକାରଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ କୋମନା ବ୍ଲକ ଦଲଦଲିର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ପୁରସ୍କୃତ ହୋଇଥିବା ପ୍ରେମଲାଲ ସତନାମୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ହୋମସିଂ ମାଝୀ, ସିଆରସିସି ଶରତ କୁମାର ପଣ୍ଡା, ସୁବଳ ପଣ୍ଡା, ବିଶ୍ୱଦେବ ପଣ୍ଡା, ଅମୀୟ ପାଢ଼ୀ, ପ୍ରଧାନଶିକ୍ଷକ ପ୍ରବୋଧ ହୋତା, ମୋହନ ପ୍ରଧାନ, ବିଦ୍ୟା ମିଶ୍ର, ସାନ ପ୍ରଧାନ, ହରେନ୍ଦ୍ର ବାଗ, ମୃତ୍ୟୁଞ୍ଜୟ ହେନା, ଦୀନ କୁମ୍ଭାର ପ୍ରମୁଖ ସାମିଲ ଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ହିନ୍ଦୀ ଶିକ୍ଷକ ରାଜୁ କୁମାର ସାହୁ

**ଭବାନୀପାଟଣା, ୨।୨(ସମିସ):** କଳାହାଣ୍ଡି ଜିଲ୍ଲାର ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଜୁ କୁମାର ସାହୁ ପାଇଛନ୍ତି ୨୦୨୩-୨୪ ମସିହାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ରାଜ୍ୟ ସରକାରଙ୍କର ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଗତ ୩୧ ତାରିଖରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ରାଜୁ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ବ୍ୟକ୍ତିଗତ ଠାରୁ ସାଙ୍ଗଠନିକ ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠମାନଙ୍କୁ ବଛାଯାଇ ପୁରସ୍କାର ନିମନ୍ତେ ଚୟନ କରାଯାଇଥିଲା। ଜଣେ ହିନ୍ଦୀ ଶିକ୍ଷକ ଭାବରେ ରାଜୁ ସାହୁଙ୍କର ଉଲ୍ଲେଖନୀୟ ଅବଦାନ, ଅସାଧାରଣ ସାଧନା, ଦୃଢ଼ ନିଷ୍ଠା, ଏକାଗ୍ରତା, ତଥା ହିନ୍ଦୀ ଶିକ୍ଷାର ଅଗ୍ରଗତିରେ ନିରବଛିନ୍ନ ଉଦ୍ୟମ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏହା ସହିତ ମାନପତ୍ର, ପ୍ରମାଣପତ୍ର, ଟ୍ରଫି ଏବଂ



୪୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦାନ କରି କୃତୀ ଶିକ୍ଷକମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭଳି ଏକ ସମ୍ମାନଜନକ ପୁରସ୍କାର ରାଜ୍ୟସ୍ତରରେ ଶ୍ରୀ ସାହୁ ପାଇଥିବାରୁ ଛାତ୍ର-ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ବନ୍ଧୁ ମେଳରେ ଖୁସିର ଲହରୀ ଖେଳି ଯାଇଛି ଏବଂ ପ୍ରଶଂସାର ସୁଅ ଛୁଟୁଛି।

## ଦୁଇ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ହରଭଙ୍ଗା, ୨।୨(ସମିସ):** ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ଅନ୍ତର୍ଗତ ଧଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଳିଛି ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପୁରସ୍କାର। ମୁଖ୍ୟମନ୍ତ୍ରୀଙ୍କ ହସ୍ତରୁ ପ୍ରଧାନ ଶିକ୍ଷକ ପୌଲସ୍ତି ଭୋକ୍ରା ଓ ଶିକ୍ଷକ ବିଜୟ ଡାଙ୍ଗ ଗ୍ରହଣ କରିଛନ୍ତି ଏହି ଦୁଇଟି ପୁରସ୍କାର। ଉକ୍ତ ପୁରସ୍କାର ପାଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଆଲୁମନି ମୁଖ୍ୟ ପବିତ୍ର ମୋହନ ଭେକ୍ରା, ଏସଏମସି ସଭାପତି ଆଦିତ୍ୟ ଭୋକ୍ରା, ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ବାରିକ, ଅନ୍ନପୂର୍ଣ୍ଣା ଦଳେଇ, ଶଙ୍କର୍ଷଣ ମେହେର, କରିଶ୍ମା ବେହେରା, କିଶୋର ନାଏକ, କାରିଗର ରମାକାନ୍ତ କ୍ଷେତୀ, ବିଦ୍ୟାଳୟ କର୍ମଚାରୀ ଅଞ୍ଚଳବାସୀ ଗୌରବାନ୍ୱିତ ମନେକରିଛନ୍ତି।



ସେହିପରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୫-ଟି ବର୍ଗ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପୁରୁଣାକଟକର କଳା ଶିକ୍ଷକ ରଞ୍ଜିତ ନାଏକଙ୍କୁ ଦ୍ୱିତୀୟ ଭାଷା ଇଂରାଜୀ ବିଭାଗରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିଅମରେ ପ୍ରାପ୍ତ ହେଲାପରେ ନିଜ ବିଦ୍ୟାଳୟରେ ମଧ୍ୟ ସ୍ୱାଗତ କରାଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମଳିକ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆମ୍ବଗାଁରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଶଗଡ଼ା, ୨।୨ (ସମିସ):** କନ୍ଧମାଳ ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ପରିବାର ସମ୍ପର୍କ ଯାତ୍ରା ତଥା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆଜି ଶୁଭାରମ୍ଭ ହୋଇଯାଇଛି। ଅମ୍ବଗାଁ ପଞ୍ଚାୟତ ଅନ୍ତର୍ଗତ ଆମ୍ବଗାଁ ଗ୍ରାମରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କନ୍ଧମାଳ ବିଧାୟକ ମହୀଧର ରଣାଙ୍କ ଉପସ୍ଥିତିରେ ଜିଲ୍ଲା ପର୍ଯ୍ୟବେକ୍ଷକ ଅମରେଶ ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁମିତ୍ରା ସାହୁ, ପ୍ରେମରାଜ ରଣା, ସୁବୋଧ ପ୍ରଧାନ, ସାର୍ଦ୍ଦୂଳ ନାଗ, ପ୍ରଶାନ୍ତ ରଣା, ଶମ୍ଭୁ ସାହୁ, ସୁଧୀର ମହାକୁଡ଼ ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଜନତା ଦଳର ଅନେକ କର୍ମକର୍ତ୍ତା, କର୍ମୀ ସାମିଲ ହୋଇଥିଲେ।

## କମେଇମୁଣ୍ଡାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ତୁରେକେଲା, ୨।୨ (ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ବ୍ଲକ ଅନ୍ତର୍ଗତ କମେଇମୁଣ୍ଡା ପଞ୍ଚାୟତର କମେଇମୁଣ୍ଡା, କୁଆବାହଳି, ଝର୍ନିପଦର, ରହେନଭଟା, ମାନ୍ଦଲା, ପଖାନମୁଣ୍ଡା, ଗୋଦ୍ରାମୁଣ୍ଡା, ପଡ୍ରେନ, ଠାଙ୍ଗୋଜୁରୀ ଓ କୁଇବାହାଲ ପଞ୍ଚାୟତର ବାଞ୍ଜିପାଲି, କୁଇବାହାଲ, ସେମଲା ଓ ସମରସିଂ ଗାଁରେ ବିଜୁ ଜନତା ଦଳ ବଲାଙ୍ଗିର ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାନ ନେତୃତ୍ୱରେ ବିଜେଡି ଘରେ ଘରେ ଶଙ୍ଖ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ସମ୍ପତ ଭୋଇ, କମେଇମୁଣ୍ଡା



ସରପଞ୍ଚ ବିନୋଦିନୀ ନାଗ, କୁଇବାହାଲ ସରପଞ୍ଚ ବିଳାସ ପୁଟେଲ, ମହେନ୍ଦ୍ର ପୁଟେଲ, ହରି ସାହୁ, ହେମରାଜ ମେହେର, ମନୋଜ ଚଣ୍ଡୀଙ୍କ ସହ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପୁରୀ ପଠାଗଲା ଭକ୍ତଙ୍କ ଚାଉଳ ଓ ଗୁଆ

**ସୋନପୁର, ୨।୨ (ସମିସ):** ପୁରୀ ଶ୍ରୀମନ୍ଦିରର ପବିତ୍ର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଜିଲ୍ଲାର ପ୍ରତି ଗ୍ରାମରୁ ଭକ୍ତଙ୍କ ଗୁଆ, ଚାଉଳ ସଂଗ୍ରହ ପାଇଁ ଅର୍ପଣ ରଥ ପହଞ୍ଚିଥିଲା। ଜିଲ୍ଲାର ସମସ୍ତ ଗ୍ରାମରେ ଜନସାଧାରଣ ଭାବ ଭକ୍ତିର ସହ ରଥକୁ ସ୍ୱାଗତ କରି ଶ୍ରୀଜଗନ୍ନାଥଙ୍କ ସେବା ଉଦ୍ଦେଶ୍ୟରେ ନିଜ ନିଜର ଶକ୍ତି ମୁତାବକ ଅର୍ଥ ରାଶି, ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରୁ ସଂଗୃହିତ ୧୭୧ କୁଇଣ୍ଟାଲ ଚାଉଳ, ୨୨ କେଜି ଗୁଆ ଓ ୩ ଲକ୍ଷ ୧୭ ହଜାର ଟଙ୍କା ଅର୍ଥ ରାଶିକୁ ଜିଲ୍ଲା ପ୍ରଶାସନ ତରଫରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ପ୍ରେରଣ କରାଯାଇଛି। ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ଅର୍ପଣୀ ନେଇ ଯାଉଥିବା ଅର୍ପଣ ରଥକୁ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ପ୍ରେରଣ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସିଡିଓ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ତଥା ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମୁରିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ପାଳିତ

**ମୁରିବାହାଲ, ୨।୨ (ସମିସ):** ମୁରିବାହାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ଶିକ୍ଷା ମଣିଷ ପରିଚୟ ସୃଷ୍ଟି କରିଥାଏ ବୋଲି ବକ୍ତାମାନେ ଆଲୋକପାତ କରିଥିଲେ। ଶତବାର୍ଷିକ ଉତ୍ସବ କମିଟି ସଭାପତି ଜିତେନ୍ଦ୍ରୟ ଭୋଇଙ୍କ ସଭାପତିତ୍ୱରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥି ରୂପେ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝୀ, ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ପଡ଼ିଆରି, ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ପୁରାତନ ଛାତ୍ର ଶ୍ରୀମୁଖ ବିହାରୀ ବାଘାର, ପରିଚାଳନା କମିଟି ସଭାପତି ମାନପତି ଷାଣ୍ଡ, ସିଆରସିସି ହୃଷିକେଶ ଶିକା, ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ୱେତେଶିନୀ ମାଝୀ, ମହୋତ୍ସବ କମିଟି ଉପସଭାପତି ଯଦୁପତି ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବରେ ଖଡ଼ିଆଳ କଲେଜ ଅଧ୍ୟାପକ ଫଣିନ୍ଦ୍ରମ ସିଂଦେଓ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇ ଥିଲା। ୩ ଦିନ ଧରି ପାଳିତ ହେବାକୁ ଥିବା ଶତବାର୍ଷିକୀରେ ସାଧାରଣ ସମ୍ପାଦକ ଅଶୋକ ତରିଆ, ସହସମ୍ପାଦକ ରୁପେଶ ଶାଣ୍ଡ, କୋଷାଧ୍ୟକ୍ଷ ଜୟକୃଷ୍ଣ ବଘାର, ଅଜିତ ତରିଆ, ଶ୍ରୀମୁଖ ସାଣ୍ଡ, ଯୁଧିଷ୍ଠିର ବଘାର, ଅଗସ୍ତି ବଘାର, ଧନଞ୍ଜୟ ପ୍ରଧାନ, ଭୈରବ ଚରଣ ମିଶ୍ର, ଶମ୍ଭୁ ଭୋଇ, ଲଳିତ ବଘାର, ତପନ ବଘାର, ଶାନ୍ତରାମ ପ୍ରଧାନ, ନୀଳା ବଘାର, ଅନନ୍ତ ପ୍ରଧାନ, ପିକୁନ ପ୍ରଧାନ, ସୁବାସ ବଘାର, ପ୍ରଶାନ୍ତ ମହାର, ଅବିନାଶ ଭୋଇ, ସଞ୍ଜୟ ବାଗ, ଦନାର୍ଦନ ବଗର୍ତ୍ତି ପ୍ରମୁଖ ନେତୃତ୍ୱ ନେଉଥିବା ବେଳେ ଲିଲୁମୋହନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।





କଂସ ବଧ ସହ ବୀରମହାରାଜପୁର ମିନି ଷ୍ଟାଡିୟମରେ ଚାଲିଥିବା ୨ୟ ଧନୁଯାତ୍ରା ଉତ୍ସବ ସପ୍ତମ ଦିବସ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି।

## ଅସହାୟ ଯୁବତୀଙ୍କୁ ଉଦ୍ଧାର କଲା ପୁଲିସ

**ବେହେରା, ୨।୨(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ଡାକ୍ତରଖାନା ଛକ ନିକଟରୁ ଜଣେ ଅସହାୟ ଯୁବତୀଙ୍କୁ ଉଦ୍ଧାର କରିଛି ଧର୍ମଗଡ଼ ପୋଲିସ। ସୂଚନା ଅନୁସାରେ ଯୁବତୀ ଜଣକ ବହୁ ସମୟ ଧରି ଛକ ନିକଟରେ ଅଟକି ରହିଥିଲା। ତାର ହାବଭାବରୁ ସେ ଜଣେ ମାନସିକଗ୍ରସ୍ତ ଥିବା ଅନୁମାନ କରି ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ଓ ପୂର୍ବତନ ସମିତି ସଭ୍ୟ ଅରୁଣ ଜାଲ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ସେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କୁ ଜଣାଇବା ପରେ ସେ ଥାନାକୁ ଖବର ଦେଇଥିଲେ। ପରେ ଥାନା ଅଧିକାରୀ ଦାମୋଦର ବିହାରୀଙ୍କ ନିର୍ଦ୍ଦେଶରେ ଏକ ଟିମ ଆସି ତାଙ୍କୁ ଉଦ୍ଧାର କରିଛନ୍ତି। ତେବେ ଯୁବତୀ ଜଣକ କୋକସରା ବ୍ଲକ ମିର୍ଜାପୁର ଗ୍ରାମର ସ୍ୱପ୍ନା ଦୁର୍ଗା( ୨୦) ବୋଲି ଜଣାପଡ଼ିଛି। ଯୁବତୀ ଜଣକ କହିବା ମତେ ପିଲା ବେଳୁ ସେ ବାପା ଛେଉଣ୍ଡ। ମାଆଙ୍କ ଲାଳନପାଳନରେ ବଢ଼ି ଉଠିଥିଲେ। ତେବେ ବାପା ମରିଗଲା ପରେ ମାଆ ମଧ୍ୟ ପର ପୁରୁଷ ହାତ ଧରି ଚାଲିଗଲେ। ପରେ ଜେଜେମାଆଙ୍କ ନିକଟରେ ରହି ଆସୁଥିଲେ। ପରେ ଧର୍ମଗଡ଼ ସ୍ଥିତ ଯଶୋଦା ଆଶ୍ରମରେ ତାଙ୍କୁ ରଖାଯାଇଥିଲା। ସେଠାରେ କିଛିଦିନ ରହିବା ପରେ ପୁଣି ଘରକୁ ଫେରି ଆସିଥିଲେ। ହେଲେ ଜେଜେମାଆ କିମ୍ବା ବନ୍ଧୁ ପରିଜନ ମାନସିକ ରୋଗୀ କହି ଘରକୁ ପ୍ରବେଶ କରାଇ ଦେଇ ନ ଥିବା ଯୁବତୀ ଜଣକ ପ୍ରକାଶ କରନ୍ତି।



### ଜିଲ୍ଲାସ୍ତରୀୟ ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ଷଷ୍ଠ ଦିବସ

# ବିକାଶ ରେସିଡେନ୍ସିଆଲ ଭବାନୀପାଟଣା ବିଜୟୀ

**ଭବାନୀପାଟଣା, ୨।୨(ସମିସ)**

ଭବାନୀପାଟଣା ସ୍ଥିତ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡ଼ିୟମରେ ଚାଲିଥିବା ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତାର ଷଷ୍ଠ ଦିବସରେ ହାଇଟେକ୍ ପବ୍ଲିକ ସ୍କୁଲ ଓ ବିକାଶ ରେସିଡେନ୍ସିଆଲ, ଭବାନୀପାଟଣା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକାଶ ରେସିଡେନ୍ସିଆଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା। ୩୫ ଓଭରରେ ୮ ଉଇକେଟ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ହାଇଟେକ୍ ପବ୍ଲିକ ସ୍କୁଲ ପଡ଼ିଆକୁ ଓହ୍ଲାଇ ଥିବାବେଳେ ୩୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ତେବେ ବିକାଶ ରେସିଡେନ୍ସିଆଲ ଭବାନୀପାଟଣା ୨୩ ରନ୍‌ରେ ବିଜୟୀ ହୋଇଥିଲା। ସମ୍ବିତ ମେହେର ବିକାଶ



ରେସିଡେନ୍ସିଆଲ ଭବାନୀପାଟଣା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବୀନ୍ଦ୍ର ନାଏକ ଓ ତେଜେଶ୍ୱର ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ସ୍କୋରର ସାକ୍ଷୀଗୋପାଳ ପଣ୍ଡା ରହିଥିଲେ। ଷଷ୍ଠ ଦିବସରେ ମୁଖ୍ୟଅତିଥି ଭାବେ କେଡିଏଏର ଫୁଟବଲ୍ ସମ୍ପାଦକ ଏମଡି ଅବଦୁଲ୍ କାଦର, କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା, କାଳୀ ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସନ୍ଥ ସିଠ, ଧିରେନ କୁମାର ପଟ୍ଟନାୟକ, ସର୍ଦ୍ଦାର ନିର୍ମଳ ସିଂ, ବରିଷ୍ଠ ସଭ୍ୟ ଭିକାରି ଚରଣ ମିଶ୍ର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ବିପିନ୍ ମିଶ୍ର, ଭବାନୀ ଶଙ୍କର ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ସୁରେଶ ଗଡତ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ୍ ଓ କଳାହାଣ୍ଡି ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

# ୫ ତାରିଖରେ ଛାତ୍ରସାମ୍ମୁଖ୍ୟର ଗଣଧାରଣା



**ଝାରସୁଗୁଡା, ୨।୨(ସମିସ):** ଜିଲ୍ଲା ଛାତ୍ରସାମ୍ମୁଖ୍ୟ ଝାରସୁଗୁଡା ତରଫରୁ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀକରଣ ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷା ସମ୍ବନ୍ଧିତ ଦାବିକୁ ନେଇ ତାର ସ୍ୱରକୁ ଶାଣିତ କରିବାରେ ଲାଗିଛି। ଫେବୃଆରୀ ୫ ତାରିଖ ଦିନ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସରକାରୀକରଣ, ପିଜି ଓ ବିଇଡି ପାଠ୍ୟକ୍ରମ, ୧୯ ଖଣ୍ଡ ମୌଜାରେ ଡିଗ୍ରୀ କଲେଜ ସ୍ଥାପନ, ଯାନ୍ତ୍ରିକ ବିଦ୍ୟାଳୟକୁ ଯାନ୍ତ୍ରିକ ମହାବିଦ୍ୟାଳୟରେ ପରିଣତ କରିବା, ମହିଳା ମହାବିଦ୍ୟାଳୟ ଓ ବ୍ରଜରାଜନଗର ମହାବିଦ୍ୟାଳୟ ପରି ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟମାନଙ୍କର ଜମିପଟ୍ଟା ପ୍ରଦାନ ସମସ୍ୟାକୁ ନେଇ ଗଣ ଧାରଣାରେ ବସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଏକ ପ୍ରସ୍ତୁତିବୈଠକ ପୁରୁଣା ବସଷ୍ଟାଣ୍ଡ ଘରୋଇ ବସ କର୍ମଚାରୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପ୍ରମୁଖ ବୁଦ୍ଧିଜୀବୀ, ସାମାଜିକ ଓ ରାଜନୈତିକ ସଙ୍ଗଠନର ବ୍ୟକ୍ତି ବିଶେଷ ତଥା ଛାତ୍ର ସମ୍ମୁଖ୍ୟର କ୍ରିୟାନୁଷ୍ଠାନ କମିଟି ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ନେତାମାନେ ଉପସ୍ଥିତ ଥିଲେ। ସାମ୍ମୁଖ୍ୟର ବିବୃତ୍ତି ଅନୁସାରେ ଆସନ୍ତା ୫ ତାରିଖ ଦିନ ବେହେରାମାଲ କିଷାନ ଛକଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଯିବା ସହ ଧାରଣାରେ ବସିବେ। ଏହାପରେ ସାମ୍ମୁଖ୍ୟର ଏକ ପ୍ରତିନିଧିମଣ୍ଡଳୀ ତଥା ଜିଲ୍ଲାର ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିନିଧିମଣ୍ଡଳୀ ମିଳିତ ଭାବେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ। ଏହି ବୈଠକରେ ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରୀୟ ଧୁରୁଆ, ସହ ସଂଯୋଜକ ଅସୀମ ପଟେଲ, ଜିଲ୍ଲା ସଂଯୋଜକ ରବି ରୋହିଦାସ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ସଂଯୋଜକ ଝସକେତନ ଉଗର, ଯାନ୍ତ୍ରିକ ବିଦ୍ୟାଳୟ ସଂଯୋଜକ ମନୀସ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କମିଟି ସଦସ୍ୟ ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ସାମାଜିକ କର୍ମୀ ବିରଞ୍ଚି ସାହୁ, ରଘୁନନ୍ଦନ ପଣ୍ଡା, ତେଜରାଜ ସାହୁ, ସାମ୍ବାଦିକ ସୁରେଶ ତ୍ରିପାଠୀ, ବିଜୟ ଦାସ, ରବୀନ୍ଦ୍ର ସୋହେଲା, କ୍ରୀଡ଼ା ସଙ୍ଗଠନର ଅଜୟ ଓରାମ, ଫକୀର ଓରାମ, ଜଗବନ୍ଧୁ ସା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍‌ଘାଟିତ ହେବ ୧୩୨ ବର୍ଷ ପୁରୁଣା 'ଐତିହ୍ୟ ଡାକଘର'

**ଝାରସୁଗୁଡ଼ା, ୨।୨(ସମିସ)**

ଝାରସୁଗୁଡ଼ା ସହରାଞ୍ଚଳର ୧୩୨ ବର୍ଷ ପୁରୁଣା ହେରିଟେଜ୍ ଡାକଘର ଉଦଘାଟିତ ହେବା ନେଇ ଡାକଘର ପରିସରରେ ଭାରତୀୟ ପୋଷ୍ଟ ସର୍କଲ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ରିଟିଶ ଶାସନ ଅମଳରେ ୧୮୯୨ରେ ଇଂରେଜମାନଙ୍କ ଦ୍ୱାରା ଏହି ଡାକଘର ପ୍ରତିଷ୍ଠା କରାଯାଇଥିଲା। ବଙ୍ଗଳା ନାଗପୁର ରେଲୱେ ବିଏନ୍‌ଆର୍ ଲାଇନରେ ଝାରସୁଗୁଡ଼ା ରେଲଷ୍ଟେସନ କାର୍ଯ୍ୟକ୍ଷମ ହେବାପରେ ଏହା ନିର୍ମିତ ହେଇଥିଲା।୧୮୯୫ମସିହାରୁ ୧୯୭୯ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି କୋଠାଟି ଉପ ଡାକଘର ଭାବେ କାର୍ଯ୍ୟରତ ଥିଲା।୧୯୭୯ ଅକ୍ଟୋବର ୩ ତାରିଖ ଉକ୍ତ ଉପ ଡାକଘରକୁ ପ୍ରଧାନ ଡାକଘର ମାନ୍ୟତା ପ୍ରଦାନ କରାଯାଇଥିଲା। ଗତ ୨୦୧୧ ମସିହାରେ ଏହି ଡାକଘରକୁ ସଂଲଗ୍ନ ନୂତନ ନିର୍ମିତ କୋଠାରେ ଡାକସେବା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ଏହି ପୁରୁଣା ଡାକଘରକୁ ବନ୍ଦ କରାଯାଇଥିଲା।







ଏହି ଡାକଘରକୁ ଐତିହ୍ୟ ଭବନ ମାନ୍ୟତା ଗତ ୨୦୨୧ ଡିସେମ୍ବର ୧୪ ତାରିଖ ଦିନ ଘୋଷଣା କରାଗଲା। ଏବେ ଭାରତବର୍ଷରେ ପ୍ରାୟ ୭୦ ହଜାର ଡାକଘର ଥିବାବେଳେ ସେଥିମଧ୍ୟରୁ ମାତ୍ର ୪୩ ଗୋଟି ଐତିହ୍ୟ ଭବନ ଡାକଘର ରହିଥିଲା। ଆଜି ଝାରସୁଗୁଡ଼ା ହେରିଟେଜ ପୋଷ୍ଟ ଅଫିସ ଭାରତରେ ୪୪ ନମ୍ବର ଐତିହ୍ୟ ଭବନର ଭର୍ଚୁଆଲ୍‌ରେ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ। ଝାରସୁଗୁଡ଼ା ଉପ ଡାକଘର ୨୧.୩୭୫ ବର୍ଗଫୁଟ ପରିମିତ କ୍ଷେତ୍ରରେ ହୋଇଥିବାବେଳେ ଐତିହ୍ୟ ଭବନ ୧୦.୫୮୦ ବର୍ଗ ଫୁଟ ପରିମିତ କ୍ଷେତ୍ରରେ ରହିଛି। ଏହାର ନବୀକରଣ ପାଇଁ ୨୦୨୨-୨୦୨୪ ଆର୍ଥିକ ବର୍ଷ ମଧ୍ୟରେ ୧.୯୮ କୋଟି ଟଙ୍କା ବ୍ୟୟ ହୋଇଛି। ପଶ୍ଚିମ ଓଡ଼ିଶାରେ ଝାରସୁଗୁଡ଼ା ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଝାରସୁଗୁଡ଼ା ଜିଲ୍ଲା ଦ୍ରୁତ ଶିଳ୍ପାୟନ ଯୋଗୁଁ ସାରା ଭାରତରୁ ବିଭିନ୍ନ ଭାଷାଭାଷୀ ଲୋକଙ୍କ ଉପସ୍ଥିତି ଯୋଗୁଁ ଏହି ଐତିହ୍ୟ ଭବନ ଭାରତୀୟ ଡାକ ବିଭାଗର ପରମ୍ପରା ଓ ସଂସ୍କୃତିକୁ ସମଗ୍ର ଦେଶରେ ପ୍ରସାର କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ



**କୋଲାବିରା, ୨।୨ (ସମିସ):** ଝାରସୁଗୁଡା ଜିଲ୍ଲା କୋଲାବିରାଠାରେ ଶ୍ରୀଶନିଦେବଙ୍କ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନିଦିନ ଧରି ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇ ପୁର୍ଣ୍ଣାହୂତି ଓ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବରବୀନ୍ଦ୍ର ମହାପାତ୍ର ଓ ତାଙ୍କ ପତ୍ନୀ ପୂଜା ମହାପାତ୍ର ତଥା ରାକେଶ କୁମାର ଦାସ ସହ ତାଙ୍କ ପତ୍ନୀ ରୁଚି ଦାସ କର୍ତ୍ତା କାର୍ଯ୍ୟ ତୁଲେଇଥିଲେ। ପୂଜକ ପଣ୍ଡିତ ଗୋକୁଳ ମିଶ୍ର ଓ ଅଟଳ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ରଜତ ମିଶ୍ର ପ୍ରମୁଖ ଯଜ୍ଞାଦି ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ସେମାନଙ୍କୁ ସମସ୍ତ ପୂଜା କାର୍ଯ୍ୟରେ ଭରତ ମିଶ୍ର, ସନ୍ତୋଷ ଦଳାଇ, ନିରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ସନ୍ଧ୍ୟାରେ ଶତାଧିକ ମହିଳା ପୁରୁଷ ନିକଟସ୍ଥ ତେଲେନ ନଦୀରୁ କଳଶ ପୂର୍ଣ୍ଣ କରି ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ପହଞ୍ଚିଥିଲେ। ଦ୍ୱିତୀୟ ଦିବସରେ ଦେବାଦେବୀ ଆବାହନ, ମନ୍ଦିର ପ୍ରତିଷ୍ଠା, ଶନିଦେବ ଏବଂ ଗଣେଶ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ସାଙ୍ଗକୁ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ହୋମଯଜ୍ଞ ସହିତ ବିଗ୍ରହ ପୂଜା, ଧ୍ୱଜା ରୋହଣ, ଯୁପ ପ୍ରବେଶ, ଯଜ୍ଞ ପୂର୍ଣ୍ଣାହୂତୀ ସହିତ ଦେବତାଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନବଗ୍ରହ କର୍ତ୍ତା ଭାବରେ ଗ୍ରାମର ସଦାନନ୍ଦ ନାଏକ, ସତ୍ୟନାରାୟଣ ଦାସ, ଦ୍ୱିବେନ୍ଦୁ ଦାସ, ରଞ୍ଜନ ଦଲାଇ, ଜଗଦୀଶ ଭଞ୍ଜ, ଅଶୋକ ବେହେରା, ମହେନ୍ଦ୍ର ସାହୁ, ନବୀନ ଭଞ୍ଜ, ମୁନା ଭଞ୍ଜ ପ୍ରମୁଖ ସପତ୍ନୀକ କାର୍ଯ୍ୟକ୍ରମରେ ସାମିଲ ହୋଇ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଇ ଅବସରରେ ପାର୍ଶ୍ୱଦେବତାଙ୍କ ମଧ୍ୟରେ ପିଲେଶ୍ୱର ମହାଦେବ ଏବଂ ହନୁମାନ ମୂର୍ତ୍ତି ମଧ୍ୟ ସ୍ଥାନ କରାଯାଇଥିଲା। ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ମନ୍ଦିର ସଂସ୍ଥାପକ ଏବଂ ଗ୍ରାମବାସୀଙ୍କ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମସହ ତିନି ଦିନ ଧରି ସାମୂହିକ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ପ୍ରତିଦିନ ଭଜନ କୀର୍ତ୍ତନ, ନାମ ସଂକୀର୍ତ୍ତନରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ଅପରାହ୍ଣରେ ଭଜନ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବୁଲୁ ମହାପାତ୍ର, ଅସିତ କୁମାର ବହିଦାର, ଈଶ୍ୱର ଟଣକାର, ରାଜେଶ ଦାସ, ବାପି ମହାପାତ୍ର, ସୁଜିତ ଭଞ୍ଜ, କୁନାଲ ବହିଦାର, ଶ୍ରୀମନ୍ତ ସାହୁ, ଭିଡ଼ସେନ ଭଞ୍ଜ, କୁନାଲ ମହାପାତ୍ର, ବିକାଶ ମହାପାତ୍ର, ପ୍ରଫୁଲ୍ଲ ଖରସେଲ, ନୀପୁ ମହାପାତ୍ର, ଅମିତ ଭଞ୍ଜ, ସୂରଜ ଦାସ, କୁନୁ ଟଣକାର, ସୁମିତ ଭଞ୍ଜ, ଅମିତ ବିଜାର, ଉତ୍ତମ ସିଂ, ଦୀପକ ଖରସେଲ, ଧଧୋ ବିଜାର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଜଙ୍ଗଲରେ ଜଳାଶୟ ନିର୍ମାଣ ଦାବି

**ବ୍ରଜରାଜନଗର, ୨।୨(ସମିସ):** ପ୍ରତି ବର୍ଷ ଜଙ୍ଗଲରେ ନିଆଁ ଲାଗିବା ଓ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପ୍ରଭାବରେ ବନ୍ୟଜନ୍ତୁ ଖରା ଦିନରେ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେବା ସହିତ ପ୍ରାଣ ବଞ୍ଚାଇବା ପାଇଁ ଜଙ୍ଗଲରେ ଏଣେତେଣେ ଘୁରି ବୁଲିଥାନ୍ତି। ତେବେ ଜଙ୍ଗଲ ଭିତରେ ବନ୍ୟଜନ୍ତୁଙ୍କ ପାଇଁ ପାଣିର ସୁବ୍ୟବସ୍ଥା କରିବା ପାଇଁ ଏକାଧିକ ଜଳାଶୟ ନିର୍ମାଣ କରିବା ଲାଗି ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ବ୍ରଜରାଜନଗର ବନାଞ୍ଚଳ ରାଜପୁର ସେକ୍ସନ ତଥା ଗୌଡ଼ମାଲ ପଞ୍ଚାୟତ ଅନ୍ତର୍ଗତ ବଡ଼ଯୋବ, ମଧୁପୁର, ଛାପଲଡ଼ିହି ଆଦି ଗ୍ରାମଗୁଡିକ ଜଙ୍ଗଲକୁ ଲାଗିକି ରହିଛି। ଖରାଦିନରେ ଏହି ଗ୍ରାମ ଗୁଡ଼ିକରେ ଜଳସ୍ତର ନିମ୍ନଗାମୀ ହେବାରୁ ସାଂଘାତିକ ଜଳ କଷ୍ଟ ଦେଖା ଦେଇଥାଏ। ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗିବା କାରଣରୁ ମୂଲ୍ୟବାନ ଜଙ୍ଗଲ ସମ୍ପଦ ପାଉଁଶରେ ପରିଣତ ହୋଇଯାଇଥାଏ। ବନାଗ୍ନି ଓ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପ୍ରଭାବରେ ବନ୍ୟଜନ୍ତୁ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେବା ସହିତ ପ୍ରାଣ ବଞ୍ଚାଇବା ପାଇଁ ଜଙ୍ଗଲରେ ଏଣେତେଣେ ଘୁରି ବୁଲିଥାନ୍ତି। ଏପରି କି ପାଣି ପାଇଁ ସହରମୁହାଁ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ତେଣୁ ଖରା ଦିନରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବଡ଼ଯୋବ ପାହାଡ଼ ପାଦଦେଶ କାଲୋବାହାଲରେ ଜଳ ସଂରକ୍ଷଣ ପାଇଁ ଜଳାଶୟ ନିର୍ମାଣ ଅତ୍ୟନ୍ତ ଆବଶ୍ୟକ। ସେହିପରି ମଧୁପୁର, ଛାପଲଡ଼ିହି, ଜଳହରିପଡ଼ାକୁ ଲାଗିକି ଥିବା ଜଙ୍ଗଲ ଭିତରେ ଏକାଧିକ ଜଳାଶୟ ନିର୍ମାଣ କରାଗଲେ ବନ୍ୟଜନ୍ତୁ ପାଇଁ ପାଣିର ସୁବ୍ୟବସ୍ଥା ହୋଇପାରିବ ବୋଲି ଗୌଡ଼ମାଲ ସରପଞ୍ଚ ଶ୍ରୀ ସାଏ ପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବା ଲାଗି ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ପତ୍ର ଯୋଗେ ଦାବି କରିଛନ୍ତି।

**ବନ୍ୟଜନ୍ତୁ ସୁରକ୍ଷା ପାଇଁ ସରପଞ୍ଚଙ୍କ ଉଦ୍‌ବେଗ**



# ଘରୋଇ ବସ୍ ଅହେତୁକ ଭଡ଼ା ଆଦାୟରେ ଅତିଷ୍ଠ ଜନସାଧାରଣ

**ଲଖନପୁର, ୨।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରୁ ପାଖାପାଖି ୯୦କିଲୋମିଟର ଦୂରତାରେ ଥିବା ଉପାନ୍ତ ଅଞ୍ଚଳ ଭାବରେ ପରିଚିତ ୧୯ଖଣ୍ଡ ମୌଜାରୁ ଅନେକ ଘରୋଇ ବସ୍ ଜିଲ୍ଲା ମୁଖ୍ୟାଳୟ ସହିତ ସମ୍ବଲପୁର, ସୁନ୍ଦରଗଡ଼, ପଡ଼ୋଶୀ ରାଜ୍ୟ ରାଇଗଡ଼କୁ ନିତିଦିନିଆ ଯିବାଆସିବା କରୁଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ବସ୍ ଭଡ଼ାରୁ ଉର୍ଦ୍ଧ୍ୱ ଆଦାୟ କରି ସାଧାରଣ ଲୋକଙ୍କୁ ହଇରାଣ କରୁଥିବା ଦୃଷ୍ଟିଗୋଚର ହେଉଛି। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅନେକ କାମ ପାଇଁ ନିତିଦିନିଆ ଯିବାଆସିବା କରୁଥିବା ଯାତ୍ରୀଙ୍କ ଠାରୁ ଅହେତୁକ ଭଡ଼ା ଆଦାୟ କରୁଥିବାରୁ ଯାତ୍ରୀମାନେ ଅତିଷ୍ଠ ହେଉଥିବା ଅଭିଯୋଗ ହେଉଛି। ଏହି ବେଆଇନ କାର୍ଯ୍ୟକୁ ନେଇ ଅନେକ ଯାତ୍ରୀ ବିରୋଧ କଲେ ଆମ ବସ୍‌ରେ ନ ଆସିବା ପାଇଁ କହିବା ମଧ୍ୟ ଅନେକ କର୍ମଚାରୀ ପଛାଉନାହାନ୍ତି। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବ୍ଲକ ସହିତ ଜିଲ୍ଲା ମୁଖ୍ୟାଳୟକୁ ନିତିଦିନିଆ କାମରେ ଯିବାଆସିବା କରୁଥିବାବେଳେ ଏହି ଶୋଷଣର ଶିକାର ହେଉଛନ୍ତି। ଏହି ସମସ୍ୟାର ଗୁରୁତ୍ୱକୁ ଦେଖି ଘରୋଇ ବସ୍ ପାଇଁ ସରକାର କରିଥିବା ନିର୍ଦ୍ଧାରିତ ଦର ହିସାବରେ ଭଡ଼ା ଆଦାୟ, ସମସ୍ତ ଯାତ୍ରୀଙ୍କୁ ଭଡ଼ା ସମ୍ପର୍କିତ ଟିକେଟ ପ୍ରଦାନ, ଅଞ୍ଚଳର ସମସ୍ତ ବସ୍ ରହଣି ସ୍ଥାନଗୁଡ଼ିକରେ ବସ୍ ଭଡ଼ା ସମ୍ପର୍କିତ ସୂଚନାଫଳକ ମାଧ୍ୟମରେ ସୂଚନା ପ୍ରଦାନ ଆଦି ବ୍ୟବସ୍ଥା ଗ୍ରହଣ କରିବା ସହିତ ଏହାର ସତ୍ୟାସତ୍ୟ ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯରଂଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ରତ୍ନମଣ୍ଡପରେ ବେଲପାହାଡ଼ ଉତ୍ସବ 'ମଚାନ୍' ଉଦ୍‌ଘାଟିତ

**ଝାରସୁଗୁଡ଼ା, ୨।୨(ସମିସ):** ବେଲପାହାଡ଼ ଜଗନ୍ନାଥ ମନ୍ଦିର ପଡ଼ିଆ ରତ୍ନମଣ୍ଡପଠାରେ ବେଲପାହାଡ଼ ଉତ୍ସବ 'ମଚାନ୍' ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି, ସମ୍ମାନିତ ଅତିଥି ଭାବରେ ଏମସିଏଲ୍ ଲଖନପୁର ଖଣି କ୍ଷେତ୍ରର ମୁଖ୍ୟ ପରିଚାଳକ ସଞ୍ଜୟ କୁମାର ଝା ରହିଥିବାବେଳେ 'ମଚାନ୍' ପକ୍ଷରୁ ସଭାପତୀ ଦେବୀପ୍ରସାଦ ମିଶ୍ର, ସମ୍ପାଦକ ପ୍ରମୋଦ ସେନପତି ଓ ଆୟୋଜକ ସଭାପତି ରାଜେଶ ଭୋଇ ମଞ୍ଚାସୀନ ଥିଲେ। ବେଲପାହାଡ଼ର ଡିମ୍ପଲ ଡ୍ୟାନ୍ସ ଏକାଡେମୀ, ରଙ୍ଗବତୀ ସାଂସ୍କୃତିକ ଅନୁଷ୍ଠାନ ସମ୍ବଲପୁର ପକ୍ଷରୁ ସମ୍ବଲପୁରୀ ଲୋକ ନୃତ୍ୟ, ସାହାସବଗା ଗୌରହରୀ ଖମାରୀଙ୍କ ଦ୍ୱାରା ଦାସ କାଠିଆ ପ୍ରଦର୍ଶନ ହୋଇଛି। ଶେଷରେ ଝାରସୁଗୁଡ଼ା ରାଇଁଝାଇଁ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗ୍ରାମଶ୍ରୀ ମେଳା ଉଦ୍‌ଘାଟିତ ହୋଇଥିଲା।

# ଜିଲ୍ଲାସ୍ତରୀୟ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ





**ଦେବଗଡ଼, ୨।୨(ସମିସ):** ବାରକୋଟ ବ୍ଲକ ଦନ୍ତାରୀବାହାଲ ପଞ୍ଚାୟତ ମୁଖ୍ୟାଳୟଠାରେ ଜିଲ୍ଲା ବିଜେଡି ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଦନ୍ତାରିବାହାଲ ଗ୍ରାମରେ ଏକତ୍ରିତ ହୋଇ ସର୍ବ ପ୍ରଥମେ ଗାଁ ଠାକୁରାଣୀ ନିକଟରେ ପୂଜାର୍ଚ୍ଚନା ପରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏଥିସହ ଦ୍ୱାର ଦ୍ୱାର ବୁଲି ଶଙ୍ଖ ଚିହ୍ନ ଲଗାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ବୁଝାଇବା ସହ ଶତାଧିକ ଦଳୀୟ ନେତା ଓ କର୍ମୀ ଘରେଘରେ ଶଙ୍ଖ ଚିହ୍ନ ଲଗାଇଥିଲେ। ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରେଣୀ ସଦସ୍ୟ ଇଂ ସୁଜିତ କୁମାର ପ୍ରଧାନ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ଜିଲ୍ଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି, ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୋର ଅଧ୍ୟକ୍ଷା ଅନିତା ପାତ୍ର, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ଅରୁଣି ପ୍ରଧାନ, ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

# 'ନୂଆ-ଓ' ବାଳିକା ହକି ଆନ୍ତଃଜିଲ୍ଲା ପ୍ରତିଯୋଗିତା

**ଝାରସୁଗୁଡ଼ା, ୨।୨(ସମିସ):** 'ନୂଆ-ଓ' ବାଳିକା ହକି ଆନ୍ତଃଜିଲ୍ଲା ପ୍ରତିଯୋଗିତାର ୨ୟ ଦିବସରେ ରାଉରକେଲା ପାନପୋଷ ଷ୍ଟାଡିୟମରେ ଝାରସୁଗୁଡ଼ା ହକି ଦଳ ସୁବର୍ଣ୍ଣପୁର ଜିଲ୍ଲା ସହିତ ୨ୟ ମ୍ୟାଚ୍ ଖେଳିଥିଲା। ଖେଳ ଆରମ୍ଭ ହେବାର ୧୨ ମିନିଟରେ ଅଗ୍ରଭାଗର ଖେଳାଳି ବନିତା ପ୍ରଧାନ ପ୍ରଥମ ଗୋଲ୍ ଦେଇ ଦଳକୁ ଆଗୁଆ କରିଥିଲେ। ପୁନଶ୍ଚ ୧୬ ମିନିଟରେ ସାନଝରିଆ ଟପୋ ଦଳ ପକ୍ଷରୁ ୨ୟ ଗୋଲ୍ ଦେଇଥିଲେ। ଖେଳର ୨ୟ ଭାଗରେ ସୁବର୍ଣ୍ଣପୁର ଜିଲ୍ଲା ଦଳଗତ ହୋଇ ଆକ୍ରମଣ କରବାକୁ ଚେଷ୍ଟାକରି ସଫଳ ହୋଇପାରି ନ ଥିଲେ। ୨ୟ ଭାଗ ଖେଳର ଆରମ୍ଭର ୬ ମିନିଟରେ ସାନଝରିଆ ଟପୋ ନିଜସ୍ୱ ୨ୟ ଗୋଲ୍ ଓ ଦଳ ପକ୍ଷରୁ ୩ୟ ଗୋଲ୍ ଦେଇଥିଲେ। ଝାରସୁଗୁଡ଼ା ହକି ଦଳ ଆକ୍ରମଣ ପଦ୍ଧତିରେ ଘନ ଘନ ଆକ୍ରମଣ କରି ଝୁଲି ମିଞ୍ଜ ୪ର୍ଥଗୋଲ୍୧୨ମିନିଟରେ ଏବଂ ୧୬ ମିନିଟରେ ୫ମ ଗୋଲ୍ ଦେଇଥିଲେ। ଶେଷରେ ଖେଳର ୨୦ ମିନିଟରେ ସିମରନ କୁଜୁର ୬ଷ୍ଠ ଗୋଲ୍‌ଦେଇ ଦଳକୁ ୬-୦ ଗୋଲ୍‌ରେ ବିଜୟୀ କରିଥିଲେ। ସାନଝରିଆ ଟପୋ ଓ ଝୁଲି ମିଞ୍ଜ ଉଭୟ୨ଟି ଗୋଲ୍ ଦେଇଥିଲେ। ଆସନ୍ତାକାଲି (ଶନିବାର) ଝାରସୁଗୁଡ଼ା ଦଳ ୩ ରାଉଣ୍ଡରେ ପରାକ୍ରମୀ ସମ୍ବଲପୁର ଜିଲ୍ଲାକୁ ଭେଟିବ। ଝାରସୁଗୁଡ଼ା ହକି ଦଳରେ କୋଚ ଭାବରେ ସୁନିତା ସିଂ ଓ ମ୍ୟାନେଜର ଭାବରେ ସୁଶାନ୍ତ ବେହେରା ରହିଛନ୍ତି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଏଡିଏମ ଲଙ୍କେଶ୍ୱର ଅମାତ, ସୁଶୀଳ କୁମାର ମିଶ୍ର, ବିଶ୍ୱକେଶନ ପାଣ୍ଡେ ହକି ଆସୋସିଏସନ ଅଫ୍ ଓଡ଼ିଶାର ଉପ-ସଭାପତି ଜୀବନ ମହାନ୍ତି, ଅଶ୍ୱିନୀ ପାଣ୍ଡେ, ଗଣେଷ ନାୟକ, ବିମଳ କୁମାର ତାଣ୍ଡି, ପ୍ରଜ୍ୱଳ ପଟେଲ, ଅଭିଷେକ ଲାଟ, ବିଜୟ ବେହେରା, ରୀନା ତ୍ରିର୍କୀ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ତରଫରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



**ଝାରସୁଗୁଡା ଜିଲ୍ଲା ୬-୦ ଗୋଲ୍‌ରେ ବିଜୟୀ**

# ଗେଲ୍ ଇଣ୍ଡିଆ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

**ଝାରସୁଗୁଡ଼ା, ୨।୨(ସମିସ):** ଝାରସୁଗୁଡ଼ା ସହରାଞ୍ଚଳର ଏକ ଘରୋଇ ହୋଟେଲରେ ଗେଲ୍ ଇଣ୍ଡିଆ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରଧାନମନ୍ତ୍ରୀ ଗେଲ୍ ଇଣ୍ଡିଆର ମୁମ୍ବାଇ, ନାଗପୁର ଓ ଝାରସୁଗୁଡ଼ା ପାଇପ୍ ଲାଇନ୍ ଝାରସୁଗୁଡ଼ା ସେକ୍ସନର ୬୯୧ କିଲୋମିଟର ଶିଳାନ୍ୟାସ କରିବେ। ଏଥି ସହିତ ଜଗଦୀଶପୁର, ହଳଦିଆ, ବୋକାରୋ, ଧାମରା ପାଇପଲାଇନ୍ ଧାମରା ଓ ଅନୁଗୁଳ ସେକ୍ସନର ଲୋକାର୍ପଣ କରାଯିବ ବୋଲି ଗେଲ୍ ଇଣ୍ଡିଆ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

# ବେଆଇନ ବନ୍ଧୁକ ଜବତ, ଜଣେ ଗିରଫ

**ଦେବଗଡ଼, ୨।୨(ସମିସ):** କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ କରଡ଼ାଖମଣ ଗ୍ରାମରୁ କୁଣ୍ଢେଇଗୋଳା ଥାନା ପୁଲିସ ଏକ ବନ୍ଧୁକ ଜବତ କରିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, କରଡ଼ାଖମଣ ଗ୍ରାମରେ ବେଆଇନ ବନ୍ଧୁକ ଥିବା ସୂଚନା ପାଇ ପୁଲିସ ପକ୍ଷରୁ ଚଢ଼ଉ ହୋଇଥିଲା। ସେହି ସମୟରେ କରଡ଼ାଖମଣ ଗ୍ରାମର ବୁଦ୍ଧଦେବ ବେହେରା ନିଜ ପାଖରେ ବେଆଇନ ବନ୍ଧୁକ ରଖିଥିବା ଜାଣି ପୁଲିସ ସେଠାରେ ପହଞ୍ଚି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଗୋଟିଏ ବେଆଇନ ବନ୍ଧୁକ ଜବତ କରିବା ସହ ବୁଦ୍ଧଦେବକୁ ପୁଲିସ ଗିରଫ କରିଥିଲା। ଆଜି ସନ୍ଧ୍ୟାରେ ଅଭିଯୁକ୍ତକୁ ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# କାର ଦୁର୍ଘଟଣାରେ ଚାଳକ ମୃତ

**ବ୍ରଜରାଜନଗର, ୨।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରାମପୁର ଫାଣ୍ଡି ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଗିଦଘୋରା ଛକ ନିକଟରେ ଏକ କାର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ବେଲପାହାଡ଼ ଅଞ୍ଚଳ ଆଡ଼ୁ ଆସୁଥିବା ଗୋଟିଏ କାର ୪୯ ନମ୍ବର ଜାତୀୟ ରାଜପଥର ଗିଦଘୋରା ଛକ ଘାଟି ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଫଳରେ ଚାଳକ ଉପେନ୍ଦ୍ର ଭାରତୀ (୩୩)ଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଟିଆରଏଲ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟିବା ପରେ ରାମପୁର ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗକୁ ହସ୍ତାନ୍ତର କରିଛି।

# ପବିତ୍ରମୋହନ ମେମୋରିଆଲ୍ ସର୍ବଭାରତୀୟ ଭଲିବଲ୍ ପ୍ରତିଯୋଗିତା

**ଦେବଗଡ଼, ୨।୨(ସମିସ)**

ବାରକୋଟ ବ୍ଲକ କଲା ପଞ୍ଚାୟତଠାରେ ଆୟୋଜିତ ହୋଇଥିବା ପବିତ୍ରମୋହନ ପ୍ରଧାନ ମେମୋରିଆଲ ସର୍ବଭାରତୀୟ ଏକ ଦିବସୀୟ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଅପରାହ୍ଣରେ ହରିୟାଣା, ଜବଲପୁର, ରାଉରକେଲା ଓ ଭୁବନେଶ୍ୱର କ୍ରୀଡ଼ା ଛାତ୍ରବାସର ଖେଳାଳିଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଜବଲପୁର ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ହରିୟାଣା ଚାମ୍ପିଅନ୍ ହୋଇଛି। ଆୟୋଜକ କ୍ଲବର ସଭାପତି ସୌମ୍ୟରଞ୍ଜନ ସାହୁ ଓ ସମ୍ପାଦକ ବଳରାମ ଦ୍ୱିବେଦୀଙ୍କ ପତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା ସରପଞ୍ଚ ସଂଘ ସଭାପତି ତଥା ରାଜ୍ୟ ସରପଞ୍ଚ ମହାସଂଘ ମୁଖ୍ୟ ପରାମର୍ଶଦାତା ସତ୍ୟନାରାୟଣ ପାଣି ଓ ଜିଲ୍ଲାପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ବିଦ୍ୟୁତ୍ ଭୂଷଣ ରଥ, ସଞ୍ଜୀବ ଚାନ୍ଦ, ସୁଶାନ୍ତ ପଟେଲ, ତୁଷାର ପ୍ରଧାନ, ଅନିଲ ଷେଣ୍ଢ, ସୁଶାନ୍ତ ଗୌଡ଼, ସ୍ନେହାଶିଷ ମହାନ୍ତି ଓ ବରୁଣ ସାହୁ ପରିଚାଳନା କରିଥିବାବେଳେ ବିନୟ କୁମାର ଦେହୁରୀ ଓ ସନ୍ତୋଷ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସେହିପରି ଆୟୋଜକ କ୍ଲବର ଉପଦେଷ୍ଟା ସୂର୍ଯ୍ୟକାନ୍ତ ସାହୁ, ହେମସାଗର ପ୍ରଧାନ, ରିତୁ ସାହୁ ଓ ଅଜୟ କୁମାର ସାହୁ ସକ୍ରିୟ ସହଯୋଗ କରିଥିଲେ।

**ହରିୟାଣା ଚାମ୍ପିଅନ୍**





# ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୪୨ ହଜାର ଟଙ୍କାର ସହାୟତା ରାଶି ବଣ୍ଟନ

**ଦେବଗଡ଼, ୨।୨(ସମିସ):** ରାଜ୍ୟ ସରକାରଙ୍କ ଶ୍ରମବିଭାଗ ପକ୍ଷରୁ ଆଜି ରିଆମାଳ ବ୍ଲକଠାରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରମିକଙ୍କୁ ସହାୟତା ଯୋଗାଇବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଆଜି ରିଆମାଳ କଲ୍ୟାଣମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା ଯୋଗଦେଇ ରିଆମାଳ ବ୍ଲକ ଅନ୍ତର୍ଗତ ୨୫୪ ଜଣ ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୪୨ ଲକ୍ଷ ୧୩ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏଥି ମଧ୍ୟରୁ ୧୯ ଜଣ ନିର୍ମାଣ ଶ୍ରମିକଙ୍କୁ ଶିକ୍ଷା ସହାୟତା ବାବଦକୁ ୧ ଲକ୍ଷ ୮୩ ହଜାର ଟଙ୍କା, ମାତୃତ୍ୱକାଳୀନ ସହାୟତା ବାବଦକୁ ୧୧ ନିର୍ମାଣ ଶ୍ରମିକଙ୍କୁ ୧ ଲକ୍ଷ ୧୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୨୬ ନିର୍ମାଣ ଶ୍ରମିକଙ୍କୁ ୫୧ ଲକ୍ଷ ଟଙ୍କା, ଅନ୍ତିମ ସଂସ୍କାର ନିମନ୍ତେ ୨୪ ନିର୍ମାଣ ଶ୍ରମିକଙ୍କୁ ୧ ଲକ୍ଷ ୨୦ହଜାର ଟଙ୍କା ଓ ବିବାହ ସହାୟତା ରାଶି ବାବଦକୁ ୧୭୪ ନିର୍ମାଣ ଶ୍ରମିକଙ୍କୁ ୮୭ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରମୁଖ ଛକରେ ନାହିଁ ଶୌଚାଳୟ

# ଅତ୍ୟାଧୁନିକ ଶୌଚାଳୟ ନିର୍ମାଣରେ ବିଳମ୍ବ

ସମ୍ବଲପୁର, ୨।୨(ସମିସ)

ସମ୍ବଲପୁର ମହାନଗର ନିଗମ ପ୍ରମୁଖ ଛକ ଓ ଜନଗହଳି ଛକରେ ସାମୂହିକ ସୁଲଭ ଶୌଚାଳୟ ନଥିବା ଅଭିଯୋଗ ହୋଇ ଆସୁଛି। ଏହାକୁ ଗୁରୁତ୍ୱ ସହ ନେଇ ଏସଏମସି ପକ୍ଷରୁ ସହର ବିଭିନ୍ନ ପଡ଼ା ଓ ଛକ ଗୁଡିକରେ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରିବାକୁ ପକ୍ରିୟା ଆରମ୍ଭ କରିଛି। ହେଲେ କେଉଁଠାରେ ଜମି ସମସ୍ୟା ତ ଆଉ କେଉଁଠାରେ ଅନ୍ୟ ସମସ୍ୟା ତେଣୁ ନିର୍ମାଣ କାମରେ ବିଳମ୍ବ ହେଉଛି ବୋଲି ଅଭିଯୋଗ ହେଉଛି। ଅଭିଯୋଗ କ୍ରମେ ସମ୍ବଲପୁର ମହାନଗର ନିଗମ ସଫେଲ ସ୍ଥିତି ସୁଧାରି ପାରୁନାହିଁ। ଲୋକଙ୍କ ଅଭିଯୋଗ ହେଉଛି ନିତିଦିନ ସମୀକ୍ଷା ବୈଠକ ଚାଲିଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସହରର ପ୍ରମୁଖ



ଛକରେ ସାମାନ୍ୟ ଶୌଚାଳୟଟିଏ ନାହିଁ। ଲକ୍ଷ୍ମୀ ଟକିଜ, ଅଇଁଠାପାଲି ଛକ, ଧନୁପାଲିଛକ, କଚେରି ଛକ, ଜେଲଖାନା ଛକ ଭଳି ଜନବହୁଳ ସ୍ଥାନରେ ପରିସ୍ରା କରିବାକୁ ମହିଳା ଓ ପୁରୁଷ ମାନଙ୍କୁ ସମସ୍ୟା ହେଉଛି। ସହରକୁ ସ୍ୱଚ୍ଛ ସୁନ୍ଦର କରିବାକୁ ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରିବାକୁ ଯେଜନା ଥିଲା। ଏଥିପାଇଁ ଜାଗା ଚିହ୍ନଟ କରି ଡିପିଆର ପ୍ରସ୍ତୁତ ସରିଥିଲା। ଆର୍ଥିକ ଅନୁମୋଦନ ପାଇଁ ପ୍ରସ୍ତାବ ଆଗତ ହେଇ ସାରିଥିଲା। ହେଲେ ଏହାକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ କାର୍ଯ୍ୟକାରୀ ହୋଇପାରିଲା। ବସ ଯାତ୍ରୀ ନିମ୍ବା ସହରକୁ ଆସୁଥିବା ବ୍ୟକ୍ତି ପ୍ରମୁଖ ସ୍ଥାନରେ ରହନ୍ତି। ଶୌଚାଳୟ ନ ଥିବାରୁ ଏଣେତେଣେ ଶୌଚ ହେଉଛନ୍ତି। ଅନ୍ୟପଟେ ସେଠାରେ ସରକାରୀ ବସ୍ ଷ୍ଟାଣ୍ଡ ମଧ ରହିଛି। ହେଲେ ଏଠାରେ ମଧ ଏଆର୍‌ଟିସ କିମ୍ବା ଏସଏମ୍‌ସି ପକ୍ଷରୁ ଶୌଚାଳୟ ଟିଏ ନାହିଁ। ତେଣୁ ଲୋକ ବସରେ ଯିବାକୁ ଥିବାରୁ ସେଠାରେ ବହୁ ସମୟ ଧରି ଉପସ୍ଥିତ ଥାନ୍ତି। ହେଲେ ଶୌଚ ହେବା ପାଇଁ ଆଖପାଖରେ ଗୋଟିଏ ହେଲେ ଶୌଚାଳୟ ପାଇଲି ନାହିଁ। ଏପଟେ ସହରରେ ବିଭିନ୍ନ ଛକରେ ଶୌଚଳୟ ତିଆରିକୁ ନେଇ ସମ୍ବଲପୁର ମହାନଗର ନିଗମ ପକ୍ଷରୁ କୁହାଯାଇଛିଯେ, ଖୁବ ଶୀଘ୍ର ଅତ୍ୟଧୁନିକ ଶୌଚାଳୟ ନିର୍ମାଣ ହେବ। ଏଥିପାଇଁ ଜାଗା ଚିହ୍ନଟ ହୋଇସାରିଛି ବୋଲି ସୂଚନା ଦେଇଛନ୍ତି।

# ରକ୍ତାକ୍ତ ଅବସ୍ଥାରେ ଯୁବକ ଉଦ୍ଧାର

**ସମ୍ବଲପୁର, ୨।୨(ସମିସ):** ବରେଇପାଲି ଥାନା ଅନ୍ତର୍ଗତ ଆରଏମସି ରୋଡରେ ଆଜି ରକ୍ତାକ୍ତ ଅବସ୍ଥାରେ ଏକ ଯୁବକ ପଡ଼ିଥିବା ଜଣାପଡ଼ିଛି। ବାଇକ ଦୁର୍ଘଟଣା ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଉକ୍ତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ। ସୂଚନା ଯୋଗ୍ୟଯେ ଅଇଁଠାପାଲିରୁ ରେମେଡ ଛକ ପର୍ଯ୍ୟନ୍ତ ରାସ୍ତାରେ ସବୁବେଳେ ଗାଡି ଜାମ



ଲାଗି ରହିଥାଏ। ଫ୍ଲାଏ ଓଭର ହେଉନଥିବାରୁ ବାରମ୍ବାର ଗାଡି ଜାମ ରହୁଥିବା ଜଣା ପଡ଼ିଛି। ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟିଥାଏ। ଆଜି ସେହିପରି ଆରଏମସି ରୋଡରେ ଦୁର୍ଘଟଣାରେ ଜଣେ ଯୁବକ ପଡ଼ି ରହିଥିଲେ। ବାଟରେ କେହି ଜଣେ ଲୋକ ଯାଉଥିବା ଦେଖି ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେଇଥିବା ଜଣା ପଡ଼ିଛି।

# ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଉଦ୍‌ଯାପିତ

**ସମ୍ବଲପୁର, ୨।୨(ସମିସ):** ସମ୍ବଲପୁର ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆଜି ଉଦ୍‌ଯାପିତ ହୋଇଛି। ଆଜି ମଧ ଅଗଣିତ ଶ୍ରଦ୍ଧାଳୁ ଦର୍ଶନ କରିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମର ମଜା ନେଇଥିଲେ। ବୁଧବାର ହୋମଯଜ୍ଞ ଶେଷ ହୋଇଥିବା ବେଳେ ଆଜି ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ ଶେଷ ସନ୍ଧ୍ୟାରେ ପରିବେଷଣ ହୋଇଥିଲା। ମହାନଦୀ ଆଳତି ଦେଖିବା ପାଇଁ ମଧ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ମାନେ ଆସି ମାଁଙ୍କ ଦର୍ଶନ କରିଥିଲେ। ଭବ୍ୟ ଓ ଦିବ୍ୟ ଭାବେ ପରିକ୍ରମା ପ୍ରକଳ୍ପ ବୁଲି ଦେଖି ବେଶ୍ ଖୁସି ହେଉଥିଲେ। ଗତ ୨୭ତାରିଖରେ ବହୁ ପ୍ରତୀକ୍ଷିତ ସମଲେଇ ପ୍ରକଳ୍ପ ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରକଳ୍ପ ଲୋକାର୍ପଣ ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟ ବାହାରର ଶ୍ରଦ୍ଧାଳୁ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ସହିତ ସମଲେଇ ପ୍ରକଳ୍ପ ବୁଲି ସନ୍ଧ୍ୟା ସମୟରେ ମହାନଦୀ ଆଳତିର ମଜା ଉଠାଉଛନ୍ତି। ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଝାରଖଣ୍ଡ, ବିହାର ଭଳି ରାଜ୍ୟରୁ ଭକ୍ତମାନେ ଆରାଧଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏହାସହ ସମଲେଇ ପ୍ରକଳ୍ପ ଲୋକାର୍ପଣ ପରେ ଆଜି ତୃତୀୟ ଦିନରେ ଚାଲିଛି ଚଣ୍ଡୀପାଠ ଓ ହୋମଯଜ୍ଞ। ମୁଖ୍ୟ ମଣ୍ଡପଠୁ ଆରମ୍ଭ କରି ସମସ୍ତ



ମୁଖ୍ୟଦ୍ୱାର ମଣଙ୍କରେ ଚାଲିଛି ଚଣ୍ଡୀପାଠ। ସନ୍ଧ୍ୟାହେଲେ ଜମୁଛି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼। ସନ୍ଧ୍ୟାରେ ମହାନଦୀ ଆଳତି ସହ ଲେଜର ସୋ ଏବଂ ଲାଇଟ ଓ ସାଉଣ୍ଡ ମଜା ଉଠାଉଛନ୍ତି ଦର୍ଶକ। ସୂଚନାଯୋଗ୍ୟ ଯେ, ସମ୍ବଲପୁରର ଚୌହାନ ବଂଶ ରାଜା ବଳରାମ ଦେବ ନିଜ ସୈନ୍ୟ ସମନ୍ତ ସହ ତାଙ୍କ ପରିଭ୍ରମଣ ପାଇଁ ମହାନଦୀ କୂଳରେ ଓ ଶିବିର ସ୍ଥାପନ କରିଥିଲେ। ସେହି ସମୟରେ ଅଲୌକିକ ଘଟଣାକ୍ରମରେ ଏ ମାଟି ବୀର ମଦି ବୋଲି ସେ ଅନୁଭବ କରି ଏଠାରେ ଗଡ଼ ବା ଦୁର୍ଗ ସ୍ଥାପନ ପାଇଁ ମନସ୍ଥା କରିଥିଲେ। ସେହି ସମୟରେ ରାଜାଙ୍କୁ ମାଁ ସମଲେଶ୍ୱରୀଙ୍କ ସପ୍ନାଦେଶ ହେଲା। ଆଉ ମହାନଦୀର ମଧ ଭାଗରେ ସୁମ୍ଦରହ ନିମରେ ୪୯ କୃତ ବା ଦ୍ୱାପରେ ଶିମୁଳି (ସେମେଲ୍) ମାଁଙ୍କ ମୂଳ ଆସ୍ଥାନ ବୋଲି ରାଜା ପ୍ରଦେଶ ଆଧାରରେ ଠାବ କରିଥିଲେ। ଆଉ ବହୁ ବାଧାବିଘ୍ନ ଭିତରେ ମାଁଙ୍କ ମନ୍ଦିର ନିର୍ମାଣ ହୋଇଥିଲା। ସେହିଦିନ ଠାରୁ ପୂଜା ପାଇଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବାରମ୍ବାର ସମ୍ବଲପୁର ଗସ୍ତ କରି ପ୍ରକଳ୍ପ କାମ ସମୀକ୍ଷା କରିବା ପରେ ଧାର୍ଯ୍ୟ ସମୟ ଭିତରେ ଲୋକାର୍ପଣ ହୋଇପାରିଛି।



# ତ୍ରୁଟିଶୂନ୍ୟ ମେଟ୍ରିକ ପରୀକ୍ଷା ପରିଚାଳନା ପାଇଁ ସମ୍ମିଳନୀ




**ସମ୍ବଲପୁର, ୨।୨(ସମିସ):** ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆଜି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଫେବୃୟାରୀ ୨୦ତାରିଖରୁ ଆରମ୍ଭ ହେବାକୁ ଥିବା ମେଟ୍ରିକ ପରୀକ୍ଷାକୁ କିପରି ଭାବରେ ସୁନିୟନ୍ତ୍ରିତ, ତ୍ରୁଟିଶୂନ୍ୟ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରାଯିବ ସେ ନେଇ ଏକ ବୈଠକ ହୋଇଥିଲା। ସମ୍ବଲପୁର ଜିଲ୍ଲାର ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରୀକ୍ଷା କେନ୍ଦ୍ର ପରିଚାଳକମାନଙ୍କ ମଧରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ଯୋଗଦାନ କରିଥିଲେ। ଏହାସହ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଶୃଙ୍ଖଳିତ ପରୀକ୍ଷା ପରିଚାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିବା ସହ ଖୋଲା ଆଲୋଚନା ପରିଚାଳନା କରିଥିଲେ। ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଣା ବଲାରଙ୍ଗାର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ପରୀକ୍ଷା ପରିଚାଳନା କ୍ଷେତ୍ରରେ ଆବଶ୍ୟକ ସତର୍କତା ଅବଲମ୍ବନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ବଲପୁର ଜିଲ୍ଲାର ପରୀକ୍ଷା ଫଳ କିପରି ଭାବରେ ତ୍ରୁଟିଶୂନ୍ୟ ଓ ଅଧିକ ସଫଳତା ମିଳିପାରିବ ତା'ଉପରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପରୀକ୍ଷା ଦାୟିତ୍ୱରେ ଥିବା ଅଫିସ୍ ସହକାରୀ ସନ୍ତୋଷ କୁମାର ମହାପାତ୍ର ପରୀକ୍ଷା ସମୟରେ ସମ୍ଭାବ୍ୟ ବିଭିନ୍ନ ସମସ୍ୟା ଉପରେ ଆଧାରିତ ବିଭିନ୍ନ ଦିଗ ଉପରେ ଆଲୋଚନା ରଖିଥିଲେ। ବାପୁଜୀ ହାଇସ୍କୁଲ୍ ଡଙ୍ଗଚାର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା, ହିରାଧର ଯୁବକ ସଂଘ ହାଇସ୍କୁଲ୍ ଚନ୍ଦନୀମାଲ୍‌ର ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରା, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଖଣ୍ଡୁଆଳର ପ୍ରଧାନଶିକ୍ଷୟିତ୍ରୀ ରାକ୍ଷୀ ମହାପାତ୍ର, ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ଷଣ୍ଢପଥରର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ୍, ପଞ୍ଚଖଣ୍ଡା ହାଇସ୍କୁଲ ବଡ଼ବାହାଲର ବରିଷ୍ଠ ଶିକ୍ଷକ ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ପରୀକ୍ଷା ପରିଚାଳନା ସମୟରେ ଉପୁଜୁଥିବା ସମସ୍ୟା ତଥା ତାହାର ସମାଧାନର ଦିଗଗୁଡ଼ିକ ଉପରେ ଆଲୋଚନା କରିଥିଲେ। ପରିଶେଷରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବୁଢ଼ାରଜା ସ୍କୁଲର ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ପରିଚାଳନା କରିଥିବା ବେଳେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁରର ଯୋଜନା ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱର ଅନୁଷ୍ଠାନର ପୁରସ୍କାର ବିତରଣ ଉତ୍ସବ

**ସମ୍ବଲପୁର, ୨।୨(ସମିସ):** ସମ୍ବଲପୁରର ନାଟ୍ୟ ଅନୁଷ୍ଠାନ ସ୍ୱର ତରଫରୁ ଅଭିନେତା ପଦ୍ମଶ୍ରୀ ସଧୁ ମେହେରଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର ସଭାପତିତ୍ୱ କରିଥିଲେ। ସ୍ୱର ନାଟ୍ୟ ଅନୁଷ୍ଠାନ ଗତ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ କଟକର କଳା ବିକାଶ କେନ୍ଦ୍ରରେ ଥିଏଟର ମୁଭମେଣ୍ଟ, କଟକ ତରଫରୁ ଆନ୍ତରଜାତୀୟ ନୃତ୍ୟ, ସଙ୍ଗୀତ ଏବଂ ନାଟକ ପ୍ରତିଯୋଗୀତା ତଥା ମହୋତ୍ସବରେ ଅଂଶଗ୍ରହଣ କରି ନାଟକ ମହାଯାତ୍ରା ପରିବେଷଣ କରି ୪ଟି ଶ୍ରେଷ୍ଠ ପୁରସ୍କାର ଲାଭ କରିଥିବା କଳାକାରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ମାନସ ରଞ୍ଜନ ମିଶ୍ର ତୃତୀୟ ଶ୍ରେଷ୍ଠ ଅଭିନେତା, ସତ୍ୟନାରାୟଣ ସହୁ ଶ୍ରେଷ୍ଠ ହାସ୍ୟ ଅଭିନେତା, ନାଟକ ମହାଯାତ୍ରାକୁ ଶ୍ରେଷ୍ଠ ସମ୍ବଲପୁରୀ ନାଟକ ଏବଂ ପ୍ରଯୋଜନା ପାଇଁ ଚେୟାରମେନ ପୁରସ୍କାର ମିଳିଛି। ନାଟକକୁ ରଚନା କରିଥିଲେ ସରୋଜ କୁମାର ତପ୍ପ ଏବଂ ନିର୍ଦ୍ଦେଶନା ଦେଇଥିଲେ ଯୁବ ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ର। ଶ୍ରୀ ମିଶ୍ରଙ୍କୁ ନାଟ୍ୟଶ୍ରୀ ଉପାଧିରେ ଭୁଷିତ କରାଯାଇଥିଲା। ସ୍ୱର ଅନୁଷ୍ଠାନ ପ୍ରଥମ ରାଜ୍ୟ ସ୍ତରୀୟ ଶ୍ରୁତି ନାଟକ ଉତ୍ସବରେ ମଧ ଅଂଶଗ୍ରହଣକରି ଉଚ୍ଚ ପ୍ରଂଶିତ ହୋଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛନ୍ଦାମୟୀ ମିଶ୍ର, ଦନାର୍ଦନ ପ୍ରଧାନ, ପ୍ରିୟଂଶା ପ୍ରଧାନ, ଦିବ୍ୟାନି ଚୈନି, ସତ୍ୟନାରାୟଣ ସାହୁ ଏବଂ ଅନ୍ୟ ସଦସ୍ୟ ମନେ ଉପସ୍ଥିତ ଥିଲେ।



# ଓଷ୍ଟା ସମ୍ବଲପୁର ଶାଖା ତରଫରୁ ଆନ୍ଦୋଳନରେ ସାମିଲ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨।୨(ସମିସ):** ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରାଜ୍ୟ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତିକ୍ରମେ ବିଭିନ୍ନ ଦାବି ନେଇ ଆସନ୍ତାକାଲି ଅପରାହ୍ନ ୩.୦୦ ଘଣ୍ଟା ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ଅର୍ଥ ସଚିବଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଦିଆଯିବ। ଏହାପରେ ଆସନ୍ତା ୭ ତାରିଖରେ ଭୁବନେଶ୍ୱରରେ ମହାସମାବେଶ ଓ ଧାରଣା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଓଷ୍ଟାର ଉପସଭାପତି କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସମିତି ତଥା ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଅନୁଦାନଯୋଗ୍ୟ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦାବି ଗୁଡ଼ିକ ହେଲା ଅନୁଦାନ ଯୋଗ୍ୟ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ଉଚ୍ଚ ନ୍ୟାୟାଳୟଙ୍କ ନ୍ୟାୟାଦେଶ ଅନୁସାରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ୍ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ୨୨୬ ଓ ୩୯୯ ଉଚ୍ଚ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ୬୧୦ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ସରକାରୀ କରିବା, ଛଅଟି ନୋସନାଲ ଇନ୍କ୍ରିମେଣ୍ଟ ସହିତ ୨୦୧୩ ମସିହା ପୂର୍ବରୁ ଚାକିରି କରୁଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ବେତନ ପ୍ରଦାନ ସହିତ ପୁରାତନ ପେନସନ ପ୍ରଦାନ, ଏମ୍.ଏ ଡିଗ୍ରୀଧାରୀ ସଂସ୍କୃତ ଓ ହିନ୍ଦୀ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଟି.ଜି. ସ୍କେଲ୍ ପ୍ରଦାନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଦରମା ଅସଂଗତି ଦୂରୀକରଣ, ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ, ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ବି.ଏ.ବି. ପି.ଏଡ୍ ଡିଗ୍ରୀଧାରୀ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ଟିଜିଟି ସ୍କେଲ୍ ପ୍ରଦାନ ତଥା ଅବସର ସମୟକୁ ୬୦ରୁ ୬୨କୁ ବୃଦ୍ଧି ଆଦି ରହିଛି ବୋଲି ଜିଲ୍ଲା ସଂଗଠନ ତରଫରୁ କୁହାଯାଇଛି।

# ମରାମତି ପରେ ସହରର ପ୍ରମୁଖ ରାସ୍ତା ବିପର୍ଯ୍ୟସ୍ତ

**ସମ୍ବଲପୁର, ୨।୨(ସମିସ)** ଜନସାଧାରଣଙ୍କ ମୁଣ୍ଡ ବ୍ୟଥା ପାଇଟିଛି। ଧୂଳି, ଗୁଣ ଉଡ଼ି ବା।ୟୁ ପ୍ରଦୂଷଣ ହେଉଛି। ରାସ୍ତା ଗୁଡିକ ମନ ଇଚ୍ଛା ଖୋଲି ଦେବା ଫଳରେ ଏଭଳି ସମସ୍ୟା ଉପୁଜୁଛି। ରାସ୍ତା କିଏ ଖୋଲୁଛି କେଉଁ ବିଭାଗ ଅନୁମତି ଦେଉଛି କାହା ପାଖରେ ଖବର ନାହିଁ। ହେଲେ ଖୋଳିବା ଓ ମରାମତ କରୁ ନାହାନ୍ତି। ଠିକା ସଂସ୍ଥାମାନେ ବିଭାଗର ସମନ୍ୱୟ ଅଭାବ ଯୋଗୁଁ ଏଭଳି କାମ କରୁଛନ୍ତି। ଅନେକ ନିଆଯାଇ ନଥିବା ଅଭିଯୋଗ ହେଉଛି। ପ୍ରମୁଖ ରାସ୍ତା ହେଉକି ଗଳି ରାସ୍ତା ଶୋଚନୀୟ ହୋଇ ପଡ଼ିରହିଛି। ପ୍ରଶାସନ, ପୂର୍ତ୍ତ ବିଭାଗ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ କାମ ଗୁଡିକ କରାଯାଉଛି। ପ୍ରମୁଖ ଭାଷା ଭିତରେ ଦୁର୍ଗାପାଳି ରେଳ ବ୍ରିଜ ଓ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ। ସହର ପ୍ରମୁଖ ରାସ୍ତା ଗୁଡିକର ମରାମତି କରାଯାଉ ନାହିଁ। କେନେକ ସ୍ଥାନରେ କାମ ସମ୍ପୂର୍ଣ୍ଣ ହୋଇନାହିଁ ହେଲେ ପୁଣି ନୂଆ ଅନୁଦାନରେ କାମ ହେଉଛି। ଯାହାକୁ ଲୋକଙ୍କ ମଧରେ ଅସନ୍ତୋଷ ବଢ଼ି କୋଟି ଟଙ୍କା ଆର୍ଥିକ ଅନମିୟତ ହେଉଥିବା ଅଭିଯୋଗ ହେଉଛି। ପୂର୍ତ୍ତ ବିଭାଗର ଅଧୀନରେ ରାସ୍ତାର ଅବସ୍ଥା ଅତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସହରର ବ୍ୟସ୍ତ ବହୁଳ ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଜଣେ ବାହାରୁ ଆସିଲେ ସହରର ବିକାଶକୁ ସହଜରେ ଅନୁମେୟ କରି ପାରିବ। ରାସ୍ତା ଖୋଳିବା ସମୟରେ ପାଇପ ଫାଟି ଯିବାରୁ ଲୋକ ପିଇବା ପାଣିପାଇଁ ହରସନ୍ତ ହେଉଛନ୍ତି। ଠିକାଦାର ପୋଷା ନୀତି ଲାଗି ଲୋକ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି।

## ଶହୀଦଙ୍କୁ ଦଳୀୟ ପୋଷ୍ଟରରେ ବିଜେପି ପୋତିଦେବା ଘଟଣା

# ଶହୀଦଙ୍କ ଚେହେରା ଦେଖାଯିବା ଭଳି ଖୋଲିଦେଲେ

ସମ୍ବଲପୁର, ୨।୨(ସମିସ)

ଭାରତୀୟ ଜନତା ପାର୍ଟି ( ବିଜେପି) ଦଳୀୟ ବ୍ୟାନର ଓ ପୋଷ୍ଟରେ ପ୍ରମୁଖ ଛକ ଗୋଲବଜାରରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିଙ୍କୁ ପୋତି ଦିଆଯାଇଥିଲା। ଚର୍ତୁପାର୍ଶ୍ୱରେ ବ୍ୟାନର ପୋଷ୍ଟର ଲଗାଇ ପ୍ରଚାର କରୁଥିଲେ। ଏହାକୁ ନେଇ ଆଜି ସକାଳରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଶହୀଦମାନଙ୍କ ଚେହେରା ଦେଖାଯିବା ଭଳି ବେନର ପୋଷ୍ଟର ଖୋଲି ଦିଆଯାଇଛି। ଶହୀଦ ସ୍ତମ୍ଭରୁ ଦଳୀୟ ପୋଷ୍ଟର ବ୍ୟାନରକୁ ହଟାଇ ଦିଆଗଲା ନାହିଁ। ଏହା ନିୟମ ବାହାରେ ହୋଇଥିଲେ ମଧ ଏସଏମସି ପକ୍ଷରୁ ମଧ କୌଣସି ପଦକ୍ଷେଗ ଗ୍ରହଣ କରାଯାଇ ନାହିଁ। ଏହାକୁ ନେଇ ଜନ ସାଧାରଣ ସମଲୋଚନା କରୁଛନ୍ତି। ବିଜେପି ପ୍ରଚାର ପ୍ରସାର କରିବା ପାଇଁ ଶହୀଦଙ୍କ ଅସମ୍ମାନ କରୁଥିବା ନେଇ ମଧ ଅଭିଯୋଗ ହେଉଛି। ବିଜେପି ଦେଶପ୍ରେମର ନାରା ସବୁ ବେଳେ ଦେଇଥାଏ। ସଂଗ୍ରାମୀ ଓ ଶହିଦ ମାନଙ୍କୁ ନେଇ ରାଜନୀତି ଫାଇଦା ନେଇଆସୁଛି। ପୁର୍ବରୁ ଦେଶରେ ଶହୀଦମାନଙ୍କୁ ଅସମ୍ମାନ କରାଯାଉଥିଲା ଓ ଇତିହାସରେ ମଧ ଅନେକ ତଥ୍ୟ ନାହିଁ ବୋଲି ନେତା ମାନେ ପୁର୍ବ ସରକାରଙ୍କୁ ଦୋଷୀ କହି ଆସୁଛନ୍ତି। ହେଲେ ଦଳୀୟ କାର୍ଯ୍ୟକ୍ରମ ପାଇଁ ପ୍ରମୁଖ ବଜାର ସ୍ଥଳ ଗୋଲବଜାର ଛକରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିକୁ ନେତା ଓ ଦଳୀୟ ପୋଷ୍ଟର ବେନରରେ ପୋତି ଦେଉଛନ୍ତି। ରାଷ୍ଟ୍ର ଭକ୍ତ କହୁଥିବା ବ୍ୟକ୍ତିମାନେ କିଭଳି କାମ କରୁଛନ୍ତି ତାହା ସହଜରେ ଅନୂମେୟ କରି ହେଉଛି। ଦଳ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଶହୀଦ ମାନଙ୍କୁ କିଭଳି ସମ୍ମାନ ଦେଉଛି ବୋଲି ଲୋକେ କହୁଛନ୍ତି। ସୂଚନାଯେ, ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି ଗୋଲବଜାର ଛକରେ ଶହୀଦଙ୍କୁ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ଏଠାରେ ଥିବା ଶହୀଦସ୍ତମ୍ଭରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଭଗତ ସିଂ, ରାଜଗୁରୁ, ସୁଖଦେଓଙ୍କ ଭଳି ଦେଶର ବୀର ସନ୍ତାନଙ୍କ ପ୍ରତିମୂର୍ତ୍ତି ରହିଛି। ବୀରସନ୍ତାନଙ୍କ ସ୍ମୃତିରେ ସେମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ସ୍ଥାପନ କରାଯାଇଛି। ଏଭଳି ସ୍ଥାପିତ ଶହୀଦଙ୍କ ପ୍ରତିମୂର୍ତ୍ତିକୁ ଘେରି ରହିଛି ଦଳୀୟ ବିଜ୍ଞାପନ। ଶହୀଙ୍କ ପ୍ରତିମୂର୍ତ୍ତି ଚାରିପାଖରେ ସୁରକ୍ଷା ପାଇଁ ଲାଗିଥିବା ଲୁହା ଗ୍ରୀଲରେ ଛାଇ ହୋଇ ରହିଛି ବ୍ୟାନର ପୋଷ୍ଟର। ଫଳରେ ପ୍ରତିମୂର୍ତ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଲୁଚି ଯାଇଥିବା ଦେଖିବାକୁ ମିଳିଛି ଯାହା ସହରବାସୀ ନିନ୍ଦା କରୁଛନ୍ତି। ମାତ୍ର ଏହାଠାରୁ ବଳି ଅତ୍ୟନ୍ତ ଦୁଃଖ ଓ ପରିତାପର କାମ ଓ ବେଆଇନ୍ କାର୍ଯ୍ୟ ପ୍ରତି କାହାରି ନିଘା ନାହିଁ। ଏହା ବେଆଇନ ଓ ଜରିମାନା ଆଦାୟ ମଧ କରାଯିବାର ନିୟମ ରହିଛି। ରାଜନୈତିକ ଦଳ ହୋଇଥିବାରୁ କାହାକୁ ଭୟ ନାହିଁ। ସବୁ ନିୟମ କାନୁନ ତାଙ୍କ ପାଇଁ ଲାଗୁ ହୋଇ ପାରୁ ନାହିଁ। ଗୋଲବଜାର ଶହୀଦସ୍ତମ୍ଭରେ ସ୍ଥାପିତ ପ୍ରତିମୂର୍ତ୍ତିଗୁଡ଼ିକ ଭୂମିଠାରୁ ମାତ୍ର ୨ ରୁ ୩ ଫୁଟ୍ ଉଚ୍ଚରେ ରହିଛି। ପ୍ରତ୍ୟେକ ଥର ରାସ୍ତା ନିର୍ମାଣ ହେବା ପରେ ଏହାର ଉଚ୍ଚତା ଆହୁରୀ କମି ଯାଇଛି। କେତେକ ନେତାଙ୍କ ଯୋଗୁଁ ଆଜି ଜିଲ୍ଲା ବିଜେପି ବଦନାମ ହୋଇଯାଇଛି।



